# ବନ୍ଦ ହେଲା ଧଉଳି ଶାନ୍ତିସ୍ତୂପ

- ଖଣ୍ଡଗିରି, ଉଦୟଗିରି ବନ୍ଦ ପାଇଁ ଏଏସ୍ଆଇକୁ ଚିଠି
- ଚିଲିକାକୁ ପର୍ଯ୍ୟଟକ ପ୍ରବେଶ ନିଷେଧ
- ପର୍ଯ୍ୟଟକଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୧୫।୩(ବ୍ୟୁରୋ/ଡି.ଏନ୍.ଏ.)

ପର୍ଯ୍ୟଟନ କ୍ଷେତ୍ରରେ କରୋନା ମୁକାବିଲା ପାଇଁ ଜୋରଦାର ପ୍ରସ୍ତୁତି କରାଯାଇଛି। ରାଜ୍ୟର ସମସ୍ତ ସଂଗ୍ରହାଳୟ ସମେତ ନନ୍ଦନକାନନ ପ୍ରାଣୀଉଦ୍ୟାନ ଏବଂ ଷ୍ଟେଟ୍ ବଟାନିକାଲ ଗାର୍ଡେନ୍‌କୁ ଶନିବାରଠାରୁ ବନ୍ଦ କରାଯାଇଛି। ରବିବାର ଭୁବନେଶ୍ୱର, ପୁରୀ ସହ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି। ରବିବାର ସକାଳୁ ଧଉଳି ଶାନ୍ତିସ୍ତୂପକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ସେହିପରି ଖଣ୍ଡଗିରି, ଉଦୟଗିରି ସମେତ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ) ଅଧୀନରେ ଥିବା ସମସ୍ତ ଐତିହ୍ୟ ପର୍ଯ୍ୟଟନସ୍ଥଳୀକୁ ବନ୍ଦ ରଖିବାକୁ ଜିଲା ପ୍ରଶାସନ ଏଏସ୍ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି।

ପର୍ଯ୍ୟଟକଙ୍କୁ ଚିଲିକା ଯିବା ପାଇଁ ବାରଣ କରାଯାଉଥିବାବେଳେ ହ୍ରଦର ୩ଟି ପ୍ରବେଶସ୍ଥଳୀକୁ ବନ୍ଦ କରାଯାଇଛି। କାଳିଜାଇ ଯିବା ଲାଗି ଥିବା ବରକୁଲ ପ୍ରବେଶପଥକୁ ରବିବାରଠାରୁ ସମ୍ପୂର୍ଣ୍ଣଭାବେ ବନ୍ଦ ରଖାଯାଇଛି। ସେହିଭଳି ମଙ୍ଗଳାଯୋଡ଼ି ଏବଂ ବାଲୁଗାଁର ପ୍ରବେଶ ପଥକୁ ମଧ୍ୟ ବନ୍ଦ କରିବାକୁ ଜିଲା ପ୍ରଶାସନ ବିଜ୍ଞପ୍ତି ଜାରି କରିଛି। ଲିଙ୍ଗରାଜ ମନ୍ଦିରରେ ଠାକୁରଙ୍କ ଆରାଧନା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ସେବାୟତ ଓ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ବାହାରେ ସାନିଟାଇଜର ରଖାଯିବ ବୋଲି ଖୋର୍ଦ୍ଧା ଜିଲାପାଳ ସୀତାଂଶୁ ରାଉତ ସୂଚନା ଦେଇଛନ୍ତି।

ଧରିତ୍ରୀକୁ ସୂଚନା ଦେଇ ଭୁବନେଶ୍ୱର ଟୁରିଷ୍ଟ ଅଫିସର ଅଜୟ କୁମାର ରାଉତ କହିଛନ୍ତି, ଖଣ୍ଡିଗିରିକୁ ତୁରନ୍ତ ବନ୍ଦ କରିବାକୁ ଆମେ ଏଏସ୍ଆଇକୁ ଚିଠି ଲେଖିଛୁ। ସେମାନେ ଏକ ସ୍ୱତନ୍ତ୍ର ବୈଠକ କରି କୋଣାର୍କ ସୂର୍ଯ୍ୟମନ୍ଦିରକୁ ବନ୍ଦ କରିଥିବାବେଳେ ଅନ୍ୟ ମନ୍ଦିରଗୁଡ଼ିକୁ ମଧ୍ୟ ବନ୍ଦ କରିବେ ବୋଲି କହିଛନ୍ତି। ରବିବାର ସକାଳୁ ଧଉଳି ବନ୍ଦ ରହିବାରୁ ବହୁ ପର୍ଯ୍ୟଟକ ଫେରିଯାଇଛନ୍ତି। ସମସ୍ତ ସ୍ଥାନରେ ପର୍ଯ୍ୟଟନ ଅଧିକାରୀମାନେ ଲୋକଙ୍କୁ ସଚେତନ କରୁଛନ୍ତି। ପର୍ଯ୍ୟଟନ ଶିଳ୍ପକୁ କରୋନା ଏକ ଶକ୍ତ ଝଟ୍‌କା ଦେଇଛି। ସବୁ କ୍ଷେତ୍ରରେ କ୍ଷତି ସହିବାକୁ ପଡୁଛି। ହେଲେ ଏଭଳି ଏକ ରୋଗରୁ ରକ୍ଷା ପାଇବା ପାଇଁ ପ୍ରାକ୍ ସଚେତନତା ନିହାତି ଜରୁରୀ ଏବଂ ପର୍ଯ୍ୟଟନ ବିଭାଗ ଏହାକୁ ନଜରରେ ରଖି ସମସ୍ତ ସଚେତନମୂଳକ ପଦକ୍ଷେପ ନେଇଥିବା ରାଉତ କହିଛନ୍ତି।

### ସମସ୍ତ ଟୁର୍ ପ୍ୟାକେଜ୍ ବାତିଲ୍

କେବଳ ଭୁବନେଶ୍ୱର ନୁହେଁ, ପୁରୀ ଓ କୋଣାର୍କ ଯାତାୟାତ ପାଇଁ ପର୍ଯ୍ୟଟକଙ୍କ ଉପରେ କଟକଣା ଲାଗିଛି। ଆଗାମୀ ୭ଦିନ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ କୋଣାର୍କ ପରିଦର୍ଶନ ଉପରେ କଟକଣା ଲଗାଯାଇଥିବାବେଳେ ବାହାର ରାଜ୍ୟରୁ ପୁରୀକୁ ପର୍ଯ୍ୟଟକମାନେ ନ ଆସିବାକୁ ମଧ୍ୟ ଅନୁରୋଧ କରାଯାଇଛି। ପୁରୀରୁ ସିଧାସଳଖ ଚିଲିକା, ସାତପଡା, କୋଣାର୍କ ଏବଂ ଚନ୍ଦ୍ରଭାଗାକୁ ଥିବା ସମସ୍ତ ଟୁର ପ୍ୟାକେଜ୍‌କୁ ବାତିଲ କରାଯାଇଛି। ଉଭୟ ବିଦେଶୀ ଓ ବିଭିନ୍ନ ରାଜ୍ୟର ପର୍ଯ୍ୟଟକଙ୍କ ଉପରେ ଏଭଳି କଟକଣା ଲାଗୁ ହୋଇଛି। ଏନେଇ ଟୁର୍ ଅପରେଟର ଓ ଗାଇଡ୍‌ମାନଙ୍କ ସହିତ ଜରୁରୀ ବୈଠକ କରାଯାଇଛି। ଏପଟେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଅଧୀନ ସମସ୍ତ ପାନ୍ଥନିବାସରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ସ୍ୱତନ୍ତ୍ର ଆଡ୍‌ଭାଇଜରିକୁ ଅନୁକରଣ କରିବାକୁ କୁହାଯାଇଛି।

# ଚଢ଼ିଲା କଳାବଜାର

## ଭୟର ବାତାବରଣ

ଭୁବନେଶ୍ୱର,୧୫।୩ (ବ୍ୟୁରୋ)

ଘାତକ କରୋନା ଭାଇରସ୍ ଯେପରି ଓଡ଼ିଶାକୁ ପଶି ନ ପାରିବ ସେଥିପାଇଁ ସରକାରୀ ସ୍ତରରେ ସବୁକିଛି ପନ୍ଥା ଆପଣାଯାଇଥିବାବେଳେ ଘନ ଘନ ବୈଠକ ବସି ନୂଆ ନୂଆ ନିର୍ଦ୍ଦେଶନାମା ଜାରି କରାଯାଉଛି। ଇତିମଧ୍ୟରେ ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନ, ଉତ୍ସବ, ଆନ୍ଦୋଳନ ଆଦି ବନ୍ଦ କରିଦିଆଯାଇଛି। ଏପରିସ୍ଥଳେ କରୋନାକୁ ନେଇ ନାନା ଗୁଜବ ମଧ୍ୟ ଲୋକଙ୍କ ମନରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରୁଛି। ଆଗାମୀ ଦିନରେ ଦୋକାନ ବଜାର ବନ୍ଦ କରିଦିଆଯିବ ବୋଲି ଗୁଜବ ପ୍ରଚାରିତ ହୋଇଯିବା ପରେ କଳାବଜାରି ଆରମ୍ଭ ହୋଇଯାଇଛି। ବିଭିନ୍ନ ଅତ୍ୟାବଶ୍ୟକ ତଥା ଖାଦ୍ୟ ସାମଗ୍ରୀକୁ ବ୍ୟବସାୟୀମାନେ ଲୁଚାଇ ରଖିବା ଆରମ୍ଭ କରିଛନ୍ତି। ଫଳରେ ଧୀରେ ଧୀରେ ବଜାରରୁ ସେସବୁ ସାମଗ୍ରୀ ଉଭାନ ହେବାରେ ଲାଗିଛି। ଅନ୍ୟପକ୍ଷରେ ଘରୁ ବାହାରିବାକୁ ଡରୁଥିବା ଲୋକେ ଦୋକାନ ବନ୍ଦ ଗୁଜବ ଶୁଣି ରବିବାର ବଜାରମୁହାଁ ହୋଇଥିବା ଦେଖିବାକୁ ମିଳିଥିଲା। ହଠାତ୍ ଚାହିଦା ବଢ଼ିଯିବାରୁ ବିଶେଷକରି ଖାଦ୍ୟ ଓ ରାଶନ ଦୋକାନରୁ ଜିନିଷପତ୍ର ସରିଯାଇଥିବା ବ୍ୟବସାୟୀମାନେ କହୁଛନ୍ତି। ଏପଟେ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ମାସ୍କ ଓ ହ୍ୟାଣ୍ଡ୍ ସାନିଟାଇଜରକୁ ଅତ୍ୟାବଶ୍ୟକ ସାମଗ୍ରୀ ଘୋଷଣା କରାଯାଇଥିବାରୁ ଏସବୁ ମଧ୍ୟ ବଜାରରୁ ଉଭାନ ହେବା ଦେଖିବାକୁ ମିଳିଛି।

## ଚଢ଼ା ଦାମରେ ମାସ୍କ ବିକ୍ରି, ସାନିଟାଇଜର ମିଳୁନି

୨ଶହରୁ ଊର୍ଦ୍ଧ୍ୱ ଔଷଧ ଦୋକାନ ଉପରେ ପୋଲିସ ଚଢ଼ାଉ



**ଗ୍ରାହକଙ୍କୁ ଅଧିକ ଅର୍ଥ ଫେରାଇଲେ ଦୋକାନୀ**

ଭୁବନେଶ୍ୱର,(ବ୍ୟୁରୋ)/ କଟକ ରୋଡ୍, ୧୫।୩ (ଡି.ଏନ୍.ଏ.)

କରୋନା ପାଇଁ ମାସ୍କ ଓ ହ୍ୟାଣ୍ଡ୍ ସାନିଟାଇଜରର ହଠାତ୍ ଡିମାଣ୍ଡ ବଢ଼ିଯିବା ପରେ କଳାବଜାର ଆରମ୍ଭ ହୋଇଯାଇଛି। ଔଷଧ ଦୋକାନୀମାନେ ଅଭାବ ଦର୍ଶାଇ ମନଇଚ୍ଛା ଦର ନେଉଛନ୍ତି। ମୂଲ୍ୟ ୫୦ ଟଙ୍କା ରହିଥିଲେ ମଧ୍ୟ ଦୋକାନୀମାନେ ତାହାକୁ ୧୨୦ରୁ ୧୫୦ଟଙ୍କାରେ ବିକ୍ରି କରୁଛନ୍ତି। ଏନେଇ ଅଭିଯୋଗ ଆସିବା ପରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ରବିବାରଠାରୁ ଚଢ଼ାଉ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୨ଶହରୁ ଊର୍ଦ୍ଧ୍ୱ ଔଷଧ ଦୋକାନରେ ଚଢ଼ାଉ ଓ ଯାଞ୍ଚ କରାଯିବା ସହ ବ୍ୟବସାୟୀଙ୍କୁ ତାଗିଦ କରାଯାଇଛି। ଲକ୍ଷ୍ମୀସାଗର ଥାନା ପୋଲିସ ୪୫, ବଡ଼ଗଡ଼ ପୋଲିସ ୧୬ ଓ ଇନ୍‌ଫୋସିଟି ଥାନା ପୋଲିସ ୧୧ ଔଷଧ ଦୋକାନରେ ଚଢାଉ କରିଥିବାବେଳେ ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ୭, ନୟାପଲ୍ଲୀ ୧୭, ଶହୀଦନଗର ୨, ମଞ୍ଚେଶ୍ୱର ୩୨, ଖଣ୍ଡଗିରି ୨୦, ଖାରବେଳନଗର ୧୦, କ୍ୟାପିଟାଲ ଥାନା ୧୦, ଏୟାରପୋର୍ଟ ଥାନା ୯ ଓ ଏୟାରଫିଲ୍ଡ ଥାନାଞ୍ଚଳରେ ୧୦ ଔଷଧ ଦୋକାନରେ ଚଢାଉ କରାଯାଇଥିଲା। ସେହିଭଳି ଜଟଣୀ ଅଞ୍ଚଳରେ ମଧ୍ୟ ଚଢ଼ାଉ ହୋଇଥିଲା। ପ୍ରାୟ ସବୁ ଦୋକାନରେ ସାନିଟାଇଜର ନ ଥିବାବେଳେ କାଁ ଭାଁ ଦୋକାନରେ ମାସ୍କ ରହିଥିଲା। ବଡ଼ଗଡ଼ ଥାନା ଅନ୍ତର୍ଗତ ଲୁଇସ୍ ରୋଡ୍‌ରେ ଥିବା ଏକ ମେଡିସିନ ଷ୍ଟୋର୍‌ରେ ୩୦ ଟଙ୍କିଆ ମାସ୍କକୁ ଦୋକାନୀ ୧୫୦ ଟଙ୍କାରେ ବିକ୍ରି କରିଥିବା ନେଇ ଜଣେ ବ୍ୟକ୍ତି ପୋଲିସକୁ ଫୋନ୍ କରି ଜଣାଇଥିଲେ। ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ବିଲ୍ ଯାଞ୍ଚ କରି ୫ ଗୁଣା ଅଧିକ ଅର୍ଥ ନିଆଯାଇଥିବା ପ୍ରମାଣ ପାଇବା ପରେ ଦୋକାନୀ ଜଣକ ଅର୍ଥ ଫେରାଇଥିଲେ।

ଭୁବନେଶ୍ୱର ଡିସିପି ଅନୁପ ସାହୁ କହିଛନ୍ତି, ଯେଉଁ ଔଷଧ ଦୋକାନୀ ମାସ୍କ, ସାନିଟାଇଜର ଆଦି ଚଢା ଦାମ୍‌ରେ ବିକ୍ରି କରୁଥିବା ନେଇ ଖବର ଆସିବ ସେଠାରେ ପୋଲିସ ଚଢାଉ କରି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ।

ସମୀର ନାମକ ଜଣେ ଗ୍ରାହକ କହିଛନ୍ତି, ମୁଁ ୧୫ ଔଷଧ ଦୋକାନ ବୁଲିବା ପରେ ଗୋଟିଏ ଦୋକାନରେ ମାସ୍କ ପାଇଥିଲି। ଦୋକାନୀ ଗୋଟିଏ ମାସ୍କକୁ ଶହେ ଟଙ୍କା ଲେଖାଏ ନେଇଥିଲେ। ମୁଁ ୪ ମାସ୍କ ଘର ଲୋକଙ୍କ ପାଇଁ କିଣିଥିଲି। ଦାମ୍ ଯେତେ ହେଉନା କାହିଁକି ଏହା ମିଳୁ ନ ଥିବାରୁ କିଣିବାକୁ ବାଧ୍ୟ। ଜୀବନ ଆଗ, ଟଙ୍କା ରଖିଲେ କ’ଣ ସ୍ୱର୍ଗକୁ ନେବ ବୋଲି ସେ କହିଛନ୍ତି। ଔଷଧ ଦୋକାନୀ ଦିଲ୍ଲୁ ନାୟକ କହିଛନ୍ତି, ଅର୍ଡର ଯେତିକି ଦିଆଯାଉଛି ତାହାର ୧୦ ପ୍ରତିଶତ ଆସୁଛି। ଫଳରେ ଲୋକେ ଅଧିକ କିଣି ନେଉଥିବାରୁ ଯୋଗାଇବା ସମ୍ଭବ ହେଉନି। ଯାହା ବି ଅଛି ଦୋକାନୀମାନେ ଅଧିକ ଦର ନେବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ଆମେ ମୂଲ୍ୟ ଅନୁସାରେ ଗୋଟିଏ ମାସ୍କ ୫୦ ଟଙ୍କାରେ ବିକ୍ରି କରୁଛୁ। ତେବେ ସାନିଟାଇଜର ଯୋଗାଣ ପୂରା ବନ୍ଦ ହୋଇଯାଇଛି। ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଦିଲ୍ଲୁ କହିଛନ୍ତି।

# ୭ ଦିନ ବନ୍ଦ ରହିବ ସୂର୍ଯ୍ୟମନ୍ଦିର

**ଭୟରେ ପର୍ଯ୍ୟଟକ ଶୂନ୍ୟ**

କୋଣାର୍କ,୧୫।୩(ଡି.ଏନ.ଏ)

କରୋନା ଭାଇରସ ପ୍ରଭାବରେ ସମଗ୍ର ବିଶ୍ୱ ଆତଙ୍କିତ ଅବସ୍ଥାରେ ଥିବାବେଳେ ସରକାର ପ୍ରତି ଜନସମାଗମକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ସୋମବାରଠାରୁ ୭ଦିନ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ପୁରୀ ଜିଲା ପ୍ରଶାସନ ପକ୍ଷରୁ ଆଡଭାଇଜରି ଜାରି ହୋଇଛି। ତେବେ ରବିବାର ଛୁଟିଦିନ ଅବସରରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିସର ଲୋକାରଣ୍ୟ ହେବା ପରିବର୍ତ୍ତେ କରୋନା ଭୟରେ ମନ୍ଦିର ସମ୍ପୂର୍ଣ୍ଣ ପର୍ଯ୍ୟଟକ ଶୂନ୍ୟ ହୋଇପଡ଼ିଛି। ସାଧାରଣ ଦିନଠାରୁ ମଧ୍ୟ ପର୍ଯ୍ୟଟକ ସଂଖ୍ୟା କମିଯାଇଥିବାର ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଦାୟିତ୍ୱରେ ଥିବା ଏଏସ୍ଆଇ କର୍ତ୍ତୃପକ୍ଷ ଏଥିପାଇଁ କୌଣସି ସଚେତନତା ସୃଷ୍ଟି ନ କରିବା କୋଣାର୍କ ଅଞ୍ଚଳରେ ବିସ୍ମୟ ସୃଷ୍ଟି କରିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଏସ୍ଆଇ ଦ୍ୱାରା ପରିଚାଳିତ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ କରୋନା ପ୍ରଭାବରୁ ସଚେତନତା ପାଇଁ ମାସ୍କ ବଣ୍ଟନ, ହାତ ଧୁଆ ବ୍ୟବସ୍ଥା କରାଯାଇ ନାହିଁ। କେବଳ ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ଓ କାର୍ଯ୍ୟରତ ଏଏସଆଇ କର୍ମଚାରୀଙ୍କୁ ମାସ୍କ ବ୍ୟବହାର ପାଇଁ ଦିଆଯାଇଥିବାରୁ ପର୍ଯ୍ୟଟନପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କରୋନାର ପ୍ରତିଷେଧକ ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆଡଭାଇଜରି ଜାରି କରି ସୂର୍ଯ୍ୟମନ୍ଦିରରେ ସଚେତନତା ଚାଲିଥିବାବେଳେ ଏଏସ୍ଆଇ କର୍ତ୍ତୃପକ୍ଷ ଏଥିପ୍ରତି କିଭଳି ଗୁରୁତ୍ୱ ଆରୋପ ନ କରିବା ଚିନ୍ତାର ବିଷୟ ପାଲଟିଛି। ପର୍ଯ୍ୟଟକ କମିବା ଯୋଗୁ କୋଣାର୍କରେ ଥିବା ହୋଟେଲ, ହସ୍ତଶିଳ୍ପ ବ୍ୟବସାୟୀ, ବ୍ୟାଙ୍କ ପ୍ରତିଷ୍ଠାନଗୁଡିକରେ କାରବାର ବାଧାପ୍ରାପ୍ତ ହେବା ସହ ଘରୋଇ ବସ ଚଳାଚଳ ବିଶେଷ ଭାବରେ ପ୍ରବାହିତ ହୋଇଛି। ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରୁ କୋଣାର୍କ ମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୂର୍ଯ୍ୟମନ୍ଦିର ଭ୍ରମଣ ଉପରେ ୭ଦିନ ପାଇଁ କଟକଣା ଜାରି କରାଯାଇଛି। ପୁରୀ ଜିଲାପାଳ ବଲୱନ୍ତ ସିଂ ରବିବାର ଏ ନେଇ ଏକ ଆଡଭାଇଜରି କରି ୭ଦିନ ପାଇଁ କୋଣାର୍କ ସୂର୍ଯ୍ୟମନ୍ଦିରକୁ ପର୍ଯ୍ୟଟକ ନିମନ୍ତେ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେବା ସହ ମୁଖ୍ୟ ଫାଟକରେ ତାଲା ପକାଇବା ପାଇଁ ଏଏସ୍ଆଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। କରୋନା ପ୍ରଭାବରୁ ପର୍ଯ୍ୟଟନ ସ୍ଥଳୀ କୋଣାର୍କକୁ ରକ୍ଷା କରିବା ପାଇଁ ପୁରୀ ଜିଲାପାଳଙ୍କ ଏଭଳି ନିର୍ଦ୍ଦେଶନାମାକୁ କୋଣାର୍କ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି।

କରୋନା ଆତଙ୍କରେ ସୂର୍ଯ୍ୟମନ୍ଦିରରେ କମ ପର୍ଯ୍ୟଟକ।









ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ବାଣୀବିହାର ଛକ ଓ ପୁରୀ ବଡ଼ଦାଣ୍ଡ ଜନଶୂନ୍ୟ ହୋଇପଡ଼ିଛି।

# କେମିତି ଘରେ ପ୍ରସ୍ତୁତ କରିବେ ହ୍ୟାଣ୍ଡ ସାନିଟାଇଜର

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ସମ୍ଭାବ୍ୟ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ମୁଖ୍ୟତଃ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି ବାରମ୍ବାର ହାତକୁ ସାନିଟାଇଜର କିମ୍ବା ସାବୁନରେ ଭଲ କରି ଧୋଇବା ପାଇଁ କୁହା ଯାଉଛି। ଅପରପକ୍ଷରେ ବଜାରରେ ଏବେ ଅହେତୁକ ଭାବେ ସାନିଟାଇଜର ଗୁଡ଼ିକର ଅଭାବ ଦେଖା ଦେଇଛି। ଏପରି ସ୍ଥଳେ ଅତି ସହଜ ଉପାୟରେ ଘରେ ମଧ୍ୟ କିଛି ପ୍ରାକୃତିକ ଉପାଦେୟକୁ ମିଶାଇ ପ୍ରସ୍ତୁତ କରି ହେବ ହ୍ୟାଣ୍ଡ ସାନିଟାଇଜର। ଗୋଟିଏ ଲିଟର ପାଣିରେ ପ୍ରାୟ ୧୦୦ ଗ୍ରାମ ନିମ୍ବ ପତ୍ର,୨୦ଗୋଟି ତୁଳସୀ ପତ୍ର ଏବଂ କିଛି ଏଲୋଭେରା ମିଶାଇ ଭଲ ଭାବେ ଗରମ କରି ଦିଅନ୍ତୁ। ନିଆଁରେ ଫୁଟି ମିଶ୍ରଣର ପରିମାଣ ପାଖା ପାଖି ୭୦୦ ମିଲିଲିଟର ହୋଇ ସାରିବା ପରେ ଏଥିରେ ୧୦ଗ୍ରାମ କର୍ପୁର ଓ ୧୦ ଗ୍ରାମ ଫିଟିକ ମିଶାଇ ଭଲ ଭାବେ ଫେଣ୍ଟି ଦେଲା ପରେ ପ୍ରସ୍ତୁତ ହୋଇ ଯିବ ହ୍ୟାଣ୍ଡ ସାନିଟାଇଜର। ଯାହା ବଜାରରେ ଉପଲବ୍ଧ ସାନିଟାଇଜର ଗୁଡ଼ିକ ଠାରୁ ବହୁ ଗୁଣରେ ଭଲ ଓ ଶତ ପ୍ରତିଶତ ନିରାପଦ ଅଟେ। ଏଭଳି ହ୍ୟାଣ୍ଡ ସାନିଟାଇଜର ଉଭୟ ଜୀବାଣୁ ଓ ଭୁତାଣୁ ଗୁଡ଼ିକ ଉପରେ ବେଶ୍ ଭଲ ପ୍ରଭାବ ପକାଇ ଥାଏ ବୋଲି ଯୋଗ ଗୁରୁ ବାବା ରାମଦେବ ଏକ ବିବୃତ୍ତିରେ ସୂଚନା ଦେଇଛନ୍ତି।

# ବେଳାଭୂମିରେ ଗହଳି ମନା



- ପୁରୀ ଉଦାହରଣ ସୃଷ୍ଟି କରିବ
- କଳାବଜାର କଲେ କାର୍ଯ୍ୟାନୁଷ୍ଠାନ

ପୁରୀ ଅଫିସ,୧୫।୩

କରୋନାକୁ ନେଇ ବିଶ୍ୱବ୍ୟାପୀ ଭୟଙ୍କର ସ୍ଥିତି। ଦିନକୁ ଦିନ ଏହି ମାରାତ୍ମକ ଭୂତାଣୁ ନୂଆ ନୂଆ ଦେଶରେ ତା’ର ଉପସ୍ଥିତି ଜାହିର କରୁଛି। ଭାରତରେ ଯଦିଓ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଟପିଲାଣି କିନ୍ତୁ ଓଡ଼ିଶା ବେଶ୍ ଭଲ ସ୍ଥିତିରେ ରହିଛି। ଏ ପର୍ଯ୍ୟନ୍ତ ରାଜ୍ୟରେ କେହି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। କିନ୍ତୁ ଏଥିପ୍ରତି ସମସ୍ତଙ୍କୁ ସତର୍କତା ଏବଂ ସଚେତନତା ଅବଲମ୍ବନ କରିବାକୁ ରାଜ୍ୟ ସରକାର ବିଭିନ୍ନ ଆଡଭାଇଜରି ଜାରି କରିଛନ୍ତି। ଏହାକୁ ନଜରରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବେଳାଭୂମିରେ କଟକଣା ଲଗାଇଛି ପ୍ରଶାସନ। ଜିଲାପାଳ ବଲୱନ୍ତ ସିଂ ରବିବାର ଗଣମାଧ୍ୟମକୁ କହିଛନ୍ତି ଯେ, ଜିଲାରେ ଯେଉଁସବୁ ବେଳାଭୂମିରେ ଗହଳି ହୁଏ ତାହାକୁ ବାରଣ କରାଯାଇଛି। ବେଳାଭଭୂମିକୁ ନ ଯିବା ଲାଗି ସ୍ଥାନୀୟ ଜନସାଧାରଣ ଏବଂ ପର୍ଯ୍ୟଟକଙ୍କୁ ମନା କରାଯାଉଛି। କୌଣସି ସାଇଟ୍ ସିଇଙ୍ଗ୍ ଟୁର୍ ବସ ପୁରୀରୁ ଭୁବନେଶ୍ୱର, କୋଣାର୍କ, ଚିଲିକା, ସାତପଡ଼ା ସମେତ ଦର୍ଶନୀୟ ସ୍ଥାନକୁ ବନ୍ଦ ରଖାଯାଇଛି। ସହରରେ ଥିବା ବିଦେଶୀ ନାଗରିକଙ୍କ ଉପରେ ନଜର ରଖାଯାଇଛି। ସେମାନେ କେଉଁ ଦେଶରୁ ଓ କେବେ ଆସିଛନ୍ତି ତାହାର ଯାଞ୍ଚ ହେଉଛି। ସେହିପରି ବିବାହ, କୌଣସି ଧାର୍ମିକ କାର୍ଯ୍ୟକ୍ରମ ଉପରେ ବି ନଜର ରଖାଯାଇଛି। ଦରକାର ପଡ଼ିଲେ ଏହା ଉପରେ କଟକଣା ଲଗାଯିବ। ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ବୈଠକ ଖୁବ୍‌ଶୀଘ୍ର କରାଯିବ। ଏଥିରେ ମୁଖ୍ୟତଃ ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ସଚେତନ କରାଯିବ। ସେହିପରି ଜିଲାର ଏସ୍ଏଚ୍‌ଜି ସଦସ୍ୟାମାନେ ହାତସଫା ରଖିବା, ଥଣ୍ଡା କାଶ ଏବଂ ଗୋଟିଏ ଜାଗାରେ ଭିଡ଼ ନ କରିବା ନେଇ ଲୋକଙ୍କୁ ସଚେତନ କରିବେ। ଯଥାସମ୍ଭବ ଲୋକେ ସେମାନଙ୍କ ଘରେ ରହିଲେ ଏହା ନିଜ ତଥା ସମାଜ ପାଇଁ ମଙ୍ଗଳ ହେବ ବୋଲି ଜିଲାପାଳ କହିଛନ୍ତି। ଫନୀକୁ ସଫଳତାର ସହ ମୁକାବିଲା କରି ଉଦାହରରଣ ସୃଷ୍ଟି କରିଥିଲା ପୁରୀ। ବର୍ତ୍ତମାନ କରୋନାର ଭୟାବହତା ନେଇ ଯେଉଁ ସତର୍କତା ଓ ସଚେତନତା କରାଯାଉଛି ସେଥିରେ ମଧ୍ୟ ପୁରୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ। କାରଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଟିରୁ ଯେଉଁ ବାର୍ତ୍ତା ଯିବ ତାହାକୁ ନିଶ୍ଚିତ ସବୁ ମନ୍ଦିର ଏବଂ ପରିବାର ସଦସ୍ୟ ମାନିବେ। ତେବେ ଏଥିପାଇଁ କିଛି ସମୟ ଆମକୁ କଷ୍ଟ କରିବାକୁ ପଡ଼ିବ ବୋଲି ଜିଲାପାଳ ସହରବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି କୌଣସି ବିପତ୍ତି ସମୟରେ ଅନେକ ଲୋକ ଏହାର ଫାଇଦା ନେବାକୁ ଚେଷ୍ଟା କରନ୍ତି। କିନ୍ତୁ କରୋନାକୁ ନେଇ ଯେଉଁ ସ୍ଥିତି ରହିଛି ସେଥିପାଇଁ ଯୋଗାଣ ସାମଗ୍ରୀର କୌଣସି ଅଭାବ ରହିବ ନାହିଁ। ତେଣୁ କୌଣସି ଜିନିଷ ପାଇଁ ଭିଡ଼ କରିବାର ଆବଶ୍ୟକତା ନାହିଁ। ସବୁ ଜିନିଷ ପର୍ଯ୍ୟାପ୍ତ ପରିମାଣରେ ବଜାରରେ ଉପଲବ୍ଧ ଅଛି। କିନ୍ତୁ ଯେଉଁମାନେ କଳାବଜାର କରିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ବ୍ଲକସ୍ତରରେ ତହସିଲଦାରଙ୍କ ନେତୃତ୍ୱରେ ଯୋଗାଣ ବିଭାଗ ଏବଂ ପୋଲିସ କର୍ମଚାରୀଙ୍କୁ ନେଇ ଯାଞ୍ଚ କମିଟି ଗଠନ କରାଯାଇଛି ବୋଲି ଜିଲାପାଳ ସିଂ କହିଛନ୍ତି।



ରାଗିବା ପୂର୍ବରୁ ହଠାତ ସ୍ଥିର ହୋଇଯାଅ। ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
-କନ୍‌ଫୁସିୟସ୍

## ସଂକ୍ଷେପରେ

### ପାଚେରି ନିର୍ମାଣ ନେଇ ଗୋଷ୍ଠୀ ସଂଘର୍ଷ, ୭ ଗୁରୁତର

ଭୁବନେଶ୍ୱର,୧୫।୩ (ବ୍ୟୁରୋ): ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳ ଏକ ରାସ୍ତା ଉପରେ ପାଚେରି ନିର୍ମାଣକୁ ନେଇ ରବିବାର ରାତିରେ ଗୋଷ୍ଠୀ ସଂଘର୍ଷ ହୋଇ ୭ଜଣ ଗୁରୁତର ହୋଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ପୋଲିସ ସୂଚନା ମୁତାବକ, ଜାଗମରାସ୍ଥିତ ସାମଲ ସାହିରେ ରହୁଥିବା ମହାଦେବ ସାମଲଙ୍କ ଘରପାର୍ଶ୍ୱରେ ଏକ କମ୍ୟୁନିଟି ହଲ ରହିଛି। ମହାଦେବଙ୍କ ଘର ଏବଂ କମ୍ୟୁନିଟି ହଲ ମଧରେ ଏକ ରାସ୍ତା ଅଛି। ମାସେ ତଳେ ମହାଦେବ ଉକ୍ତ ରାସ୍ତା ଉପରେ ପାଚେରି ତିଆରି କରୁଥିବାବେଳେ କମ୍ୟୁନିଟି ହଲ ମାଲିକଙ୍କ ମଧରେ ଝଗଡ଼ା ହେବାରୁ କାମ ବନ୍ଦ ହୋଇଥିଲା। ଗତ ଶନିବାର ମହାଦେବ ପୁଣି ପାଚେରି କାମ ଆରମ୍ଭ କରିବାରୁ ଝଗଡ଼ା ହୋଇଥିଲା। ରବିବାର ରାତିରେ ଉଭୟ ଗୋଷ୍ଠୀ ପକ୍ଷରୁ ଖଣ୍ଡା, ଭୁଜାଲି ଠେଙ୍ଗା ଧରି ପରସ୍ପରଙ୍କୁ ଆକ୍ରମଣ କରିଥିଲେ।

### ନାବାଳିକାଙ୍କୁ ଅସଦାଚରଣ, ୨ ଗିରଫ

ଭୁବନେଶ୍ୱର,୧୫।୩ (ବ୍ୟୁରୋ): ନାବାଳିକା ଅସଦାଚରଣ ଅଭିଯୋଗରେ ୨ଅଭିଯୁକ୍ତଙ୍କୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାରଗିଲ ବସ୍ତିର ରାହୁଲ ପ୍ରଧାନ ଓ ଟୁନା ରାଉତ। ରାହୁଲ ଏୟାରପୋର୍ଟ ଥାନା ଅଞ୍ଚଳରେ ରହୁଥିବା ଜଣେ ନାବାଳିକାଙ୍କ ଏକ ତରଫା ପ୍ରେମ କରୁଥିଲେ। ଶନିବାର ସେ ଘରକୁ ଫେରିବାବେଳେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀ ଅସଦାଚରଣ କରିଥିଲେ। ଏନେଇ ଅଭିଯୋଗ ହେବାପରେ ପୋଲିସ ଏକ ମାମଲା ୬୬/୨୦ ରୁଜୁ କରିଥିଲା।

### ମାନସିକ ଅନଗ୍ରସର ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

ବାଲିଅନ୍ତା,୧୫।୩(ଡି.ଏନ.ଏ)- ମାନସିକ ଅନଗ୍ରସର ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ପ୍ରକାଶ ଭୋଇ(୩୦)। ସୂଚନା ମୁତାବକ, ଏହି ଥାନା ଅଞ୍ଚଳରେ ରହୁଥିବା ମାନସିକ ଅନଗ୍ରସର ୨୨ ବର୍ଷୀୟା ଯୁବତୀଙ୍କ ଘରକୁ ଅଭିଯୁକ୍ତ ଜଣକ ନିୟମିତ ଯିବାଆସିବା କରୁଥିଲେ। ଏହି ସୁଯୋଗର ଫାଇଦା ନେଇ ଯୁବତୀଙ୍କ ସହ ବହୁବାର ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଜଣକ ଅନ୍ତଃସ୍ୱତ୍ତା ହୋଇଥିବା ପରିବାର ଲୋକ ଜାଣିଥିଲେ। ଏହି କଥା ଗ୍ରାମରେ କହିବା ପରେ ୨ଥର ବୈଠକ ବସିଥିଲା। କିନ୍ତୁ ବୈଠକରେ ପ୍ରକାଶ ଏହି ଘଟଣାକୁ ଅସ୍ୱୀକାର କରିଥିଲେ।। ଶେଷରେ ଯୁବତୀଙ୍କ ମାଆ ରବିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରବିବାର ପୋଲିସ ଯୁବତୀଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୬୬/୨୦ରେ ଏକ ମାମଲା ରୁଜୁ କରି ପ୍ରକାଶକୁ ଗିରଫ କରିଛି।

### ଦାଦାବଟି ଆଦାୟ କରି ଜଣେ ଗିରଫ, ଖଣ୍ଡା ଜବତ

ଭୁବନେଶ୍ୱର,୧୫।୩ (ବ୍ୟୁରୋ)- କ୍ୟାପିଟାଲ ଥାନା ଅଞ୍ଚଳରେ ଉଠା ଦୋକାନୀଙ୍କ ବେକରେ ଖଣ୍ଡା ଲଗାଇ ଦାଦାବଟି ଆଦାୟ କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିର ପ୍ରଦୀପ୍ତ ଦଳେଇ ଓରଫ ପ୍ରଦୀପ ନାୟକ। ସୂଚନା ମୁତାବକ ବାପୁଜୀନଗର ଏବଂ କେଦାରପଲ୍ଲୀ ଓଭରବ୍ରିଜ୍ ରାସ୍ତା କଡ଼ ଫୁଟ୍‌ପାଥରେ ବସି ବେପାର କରୁଥିବା ଉଠାଦୋକାନୀଙ୍କୁ ଡରାଇ ଧମକାଇ ବେକରେ ଖଣ୍ଡା ଲଗାଇ ପ୍ରଦୀପ୍ତ ଦାଦାବଟି ଆଦାୟ କରନ୍ତି। ଭୟରେ କେହି ମୁହଁ ଖୋଲୁ ନ ଥିଲେ। ବାଲୁଗାଁ ଅଞ୍ଚଳର ବାହୁଡା ବେହେରା ସେଠାରେ ମାଛ ଦୋକାନ କରିଥିଲେ। ରବିବାର ପୂର୍ବାହ୍ନ ସାଢେ ୧୧ଟା ବେଳକୁ ବାହୁଡାଙ୍କ ଦୋକାନ ପାଖରେ ପ୍ରଦୀପ୍ତ ପହଞ୍ଚି ଦାଦାଗିରି ଆରମ୍ଭ କରିଥିଲେ। ୧୦ ହଜାର ଟଙ୍କା ନ ଦେଲେ ବେପାର କରିପାରିବୁ ନାହିଁ ବୋଲି ବେକରେ ଖଣ୍ଡା ଲଗାଇ ଧମକ ଦେଇଥିଲେ। ଦାଦାବଟି ଦେବାକୁ ବାହୁଡ଼ା ରୋକ୍‌ଠୋକ ମନାକରିଥିଲେ। ଟଙ୍କା ନ ପାଇବାରୁ ରାଗରେ ବାହୁଡ଼ାଙ୍କୁ ମାଡ଼ମାରି ପ୍ରଦୀପ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ବାହୁଡା ଅଭିଯୋଗ କରିବା ପରେ ପୋଲିସ ୧୨୧/୨୦ନମ୍ବରରେ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଦୀପ୍ତଙ୍କୁ ଗିରଫ କରି ଉକ୍ତ ଖଣ୍ଡାକୁ ଜବତ କରିଛି। ରବିବାର କୋର୍ଟ ଚାଲାଣ କରାଯାଇଥିଲା।।ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

# କରୋନା: ତଥ୍ୟ ଦେବେ ଘରୋଇ ହସ୍ପିଟାଲ, ହୋଟେଲ

ଭୁବନେଶ୍ୱର, ୧୫।୩(ବ୍ୟୁରୋ):

କରୋନା ମୁକାବିଲା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରାଜଧାନୀରେ ଥିବା ଘରୋଇ ହସ୍ପିଟାଲ ଓ ହୋଟେଲ କର୍ତ୍ତୃପକ୍ଷଙ୍କ ପାଇଁ ନୂଆ ଏସ୍‌ଓପି ଜାରି କରାଯାଇଛି। ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ହୋଟେଲ୍‌କୁ ଆସୁଥିବା ପର୍ଯ୍ୟଟକଙ୍କ ସମ୍ପୂର୍ଣ୍ଣ ତଥ୍ୟ ବିଏମ୍‌ସିକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯିବା ସହ ତୁରନ୍ତ ଘରୋଇ ହସ୍ପିଟାଲ ଓ ହୋଟେଲ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ବିଶେଷକରି ହସ୍ପିଟାଲ୍‌କୁ ଆସୁଥିବା କରୋନା ସନ୍ଦିଗ୍ଧଙ୍କ ପାଇଁ ଅଲଗା ୱାର୍ଡର ବ୍ୟବସ୍ଥା କରିବା ସହ ସେମାନଙ୍କ ତଥ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଓ ବିଏମ୍‌ସିକୁ ପ୍ରଦାନ କରିବାକୁ କୁହାଯାଇଛି। ସେହିପରି ଡାକ୍ତରଖାନା କର୍ତ୍ତୃପକ୍ଷ ଆଇସୋଲେଶନ ୱାର୍ଡ ଓ ଭେଣ୍ଟିଲେଟର ସୁବିଧା ଥିବା ୱାର୍ଡ ସଂକ୍ରାନ୍ତରେ ତଥ୍ୟ ଦେବେ। ସେହି ଅନୁସାରେ ଆମକୁ ଆଗାମୀ ଦିନରେ ମୁକାବିଲା କରିବାକୁ ସହଜ ହେବ ବୋଲି କମିଶନର କହିଛନ୍ତି। ଅନ୍ୟପକ୍ଷରେ ହୋଟେଲ୍‌ଗୁଡ଼ିକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ମୋବାଇଲ ନମ୍ବର, ଗନ୍ତବ୍ୟସୂଚୀ ପ୍ରଦାନ କରିବେ। ହୋଟେଲରେ ବିବାହ କିମ୍ବା ଅନ୍ୟାନ୍ୟ ଉତ୍ସବ କରିବା ପାଇଁ ବିଏମ୍‌ସି ଦ୍ୱାରା ଜାରି

### ଏସ୍‌ଓପି ଜାରି କଲା ବିଏମ୍‌ସି

ଏସ୍‌ଓପିକୁ ମାନିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ସବକୁ ଆସୁଥିବା ଲୋକଙ୍କ ପାଇଁ ହ୍ୟାଣ୍ଡୱାସ୍ ଓ ସାନିଟାଇଜର ରଖିବା, କାର୍ଯ୍ୟକ୍ରମରେ ଯଥାସମ୍ଭବ କମ୍ ଲୋକଙ୍କ ସମାଗମ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ସେହିପରି ଯେଉଁମାନଙ୍କର ଥଣ୍ଡା, ଜ୍ୱର, କାଶ ହୋଇଥିବ ସେମାନଙ୍କୁ କାର୍ଯ୍ୟକ୍ରମଠାରୁ ଦୂରରେ ରଖିବାକୁ ପରାମର୍ଶ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା କମିଶନର କହିଛନ୍ତି।

### ବିଏମ୍‌ସି କଲ୍ୟାଣ ମଣ୍ଡପ ବୁକିଂ ବନ୍ଦ, ଏସ୍‌ଓପି ମାନିବେ ଘରୋଇ ମଣ୍ଡପ

ବିଏମ୍‌ସି ଦ୍ୱାରା ପରିଚାଳିତ ସମସ୍ତ କଲ୍ୟାଣ ମଣ୍ଡପର ବୁକିଂକୁ ବନ୍ଦ କରାଯାଇଛି। ରବିବାର ଏ ସମ୍ପର୍କରେ ସୂଚନା ଦେଇ କମିଶନର ପ୍ରେମଚାନ୍ଦ ଚୌଧାରୀ କହିଛନ୍ତି, ଆଉ ନୂଆ ବୁକିଂ କରାଯାଉନାହିଁ। ଯେଉଁ ବୁକିଂ ରହିଛି, ତାହାକୁ ମଧ୍ୟ ବାତିଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟ ଯେଉଁ ଘରୋଇ କଲ୍ୟାଣ ମଣ୍ଡପ ଓ ବିବାହ ମଣ୍ଡପରେ ପୂର୍ବରୁ ବୁକିଂ ରହିଛି ସେମାନେ ଉତ୍ସବର ଆୟୋଜନ କରିପାରିବେ। କିନ୍ତୁ ବିମ୍‌ସି ଦ୍ୱାରା କରାଯାଇଥିବା ଏସ୍‌ଓପି ନିୟମକୁ ମାନି ତାକୁ କାର୍ଯ୍ୟକାରୀ କରିବେ ବୋଲି ସେ କହିଛନ୍ତି।

### ଆଜିଠାରୁ ୩ ସ୍କ୍ୱାଡ୍‌ର ଯାଞ୍ଚ ଆରମ୍ଭ

ଘରୋଇ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟରଗୁଡ଼ିକ ବନ୍ଦ ପାଇଁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାରଠାରୁ ବିଏମ୍‌ସି ଦ୍ୱାରା ଗଠିତ ୩ ସ୍କ୍ୱାଡ୍ ଏନେଇ ଯାଞ୍ଚ ଆରମ୍ଭ କରିବେ। ଏହି ସ୍କ୍ୱାଡ୍ ଘରୋଇ ହସ୍ପିଟାଲ, ହୋଟେଲ ସହ ମଲ ଓ ଘରୋଇ ଶିକ୍ଷାନୁଷ୍ଠାନ ଗସ୍ତ କରି ସ୍ଥିତି ପରଖିବେ। ଦିଆଯାଇଥିବା ଏସ୍‌ଓପିକୁ ପାଳନ କରାଯାଉଛି କି ନାହିଁ ତାହା ଯାଞ୍ଚ କରି ଖିଲାପ କରାଯାଉଥିଲେ ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ମୁକ୍ତାକାଶ ବ୍ୟାୟାମଶାଳା ବନ୍ଦ, ସିଞ୍ଚନ ହେବ କେମିକାଲ ପାଣି

ଭୁବନେଶ୍ୱରର ବିଭିନ୍ନ ପାର୍କରେ ଥିବା ମୁକ୍ତାକାଶ ବ୍ୟାୟାମଶାଳାକୁ ବନ୍ଦ କରିଦିଆଯାଇଛି। ସୋମବାରଠାରୁ ସେଗୁଡ଼ିକୁ ବିଏମ୍‌ସି ଓ ବିଡିଏ କର୍ତ୍ତୃପକ୍ଷ ତାଲା ପକାଇବା ସହ ଜନସାଧାରଣ ଯେପରି ବ୍ୟାୟାମ ଉପକରଣ ବ୍ୟବହାର ନ କରିବେ ସେଥିପ୍ରତି ଧ୍ୟାନ ଦେବେ। ଏଥିସହ ସହରର ପରିମଳ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହ ବିଭିନ୍ନ ସ୍ଥାନରେ କେମିକାଲ ପାଣି ସିଞ୍ଚନ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ସିଞ୍ଚନ ପାଇଁ ୧୦୦ ନୂଆ ସ୍ପ୍ରେୟର ମେଶିନ କିଣାଯାଇଛି। ବିଏମ୍‌ସିର ବରିଷ୍ଠ ଅଧିକାରୀ ପ୍ରତିଦିନ ୨ ଘଣ୍ଟା ସଫେଇ ଓ ସିଞ୍ଚନ ବ୍ୟବସ୍ଥା ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କମିଶନର ଚୌଧାରୀ କହିଛନ୍ତି।

### ବିଏମ୍‌ସିରେ ଆଜିଠୁ କାର୍ଯ୍ୟକରିବ ସ୍ୱତନ୍ତ୍ର ସେଲ୍

ସଚେତନତା ଓ ଅଭିଯୋଗ ପଞ୍ଜୀକରଣ ପାଇଁ ବିଏମ୍‌ସି ଦ୍ୱାରା ଏକ ସ୍ୱତନ୍ତ୍ର ସେଲ୍ ଗଠନ କରାଯାଇଛି। ସୋମବାରଠାରୁ ଏହି ସେଲ୍ ବିଏମ୍‌ସି ମୁଖ୍ୟାଳୟର ମିନି କନ୍‌ଫରେନ୍ସ ହଲ୍‌ରେ ପ୍ରତିଦିନ ସକାଳ ୯ଟାରୁ କାର୍ଯ୍ୟ କରିବ। ସେଲ୍‌ରେ ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀଙ୍କ ସମେତ ଆଇଟି ଓ ସ୍ୱାସ୍ଥ୍ୟ ଅଧିକାରୀ ରହିବେ। ଏହା ବ୍ୟତୀତ ଅନ୍‌ଲାଇନ୍‌ରେ ବିଏମ୍‌ସି ୨୪ ଘଣ୍ଟା ଲୋକଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦେବ ବୋଲି କମିଶନର ଚୌଧାରୀ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ ଦୁଆର ଦୁଆର ବୁଲେ,**
**ପୁଅ ଚବିଶି ଏକାଦଶୀ କରେ ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ମା' ପଛେ ଦୁଆର ଦୁଆର ବୁଲୁଥାଉ ପୁଅର କିନ୍ତୁ ଫୁଟାଣି କାହିଁରେ କେତେ! ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ବାହାରେ ବୁଲି ବଡ଼ପଣ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମଲୁ ଖୋଜୁଥିଲା କାକର ପାଣି**
**ବଇଦ ବୋଇଲା ଦେ' ତୋରାଣି ।**

ମନ ଜାଣି ଫଳପ୍ରାପ୍ତି। ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରି ରହିଥାଏ ବା ଆଶା କରିଥାଏ ବେଳେ ବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ। ଆଶାନୁରୂପ ଦ୍ରବ୍ୟ ସହଜରେ ପାଇଯିବା ବା ବିନା ପ୍ରଚେଷ୍ଟାରେ ଇଚ୍ଛା ମୁତାବକ ଜିନିଷ ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଯୁବକଙ୍କୁ ବଳି ଉଦ୍ୟମ ଅଭିଯୋଗ

ଭୁବନେଶ୍ୱର,୧୫।୩ (ବ୍ୟୁରୋ)

ଜଣେ ଯୁବକଙ୍କୁ ପ୍ରବଳ ମାଡ଼ ସହ ବଳିଦେବାକୁ ଉଦ୍ୟମ କରାଯାଇଥିବା ଖାରବେଳନଗର ଥାନାରେ ରବିବାର ରାତିରେ ଅଭିଯୋଗ ହୋଇଛି। ଥାନା ନିକଟ ଏକ କଲୋନୀର କେତେଜଣ ଲୋକ ଏଭଳି ଅଭିଯୋଗ ଆଣିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କୋଲକାତାର ଜଣେ ଯୁବକ ପାଇପ୍ ମିସ୍ତ୍ରି ଭାବେ ଭୁବନେଶ୍ୱରରେ କାମ କରନ୍ତି। ରବିବାର ରାତିରେ ୟୁନିଟ୍-୩ ପିଡବ୍ଲ୍ୟୁଡି କାର୍ଯ୍ୟାଳୟରେ କେତେଜଣ କର୍ମଚାରୀ, ମିସ୍ତ୍ରି ଓ ଠିକାଦାର ଭୋଜି କରୁଥିଲେ। କୋଲକାତାର ଯୁବକ ଜଣକ ନିଜ ଗାଁକୁ ଯିବାକୁ କହିବାରୁ ତାଙ୍କୁ ସେଠାରେ ବିରୋଧ କରାଯାଇ କାଠଫାଳିଆରେ ମାଡ଼ ମରାଯିବା ସହ ଏକ ଘରେ ଅଟକ ରଖାଯାଇଥିଲା। ତାଙ୍କ ଚିତ୍କାର ଶୁଣି କଲୋନୀର ଜଣେ ମହିଳା ପହଞ୍ଚି ତାଙ୍କୁ ଉଦ୍ଧାର କରିବା ବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏହାପରେ ସେଠାରେ କଲୋନୀର ଅଧିକ ଲୋକ ପହଞ୍ଚି ଅଟକ ଯୁବକଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ଯୁବକଙ୍କୁ ବଳିଦେବା ପାଇଁ ଉଦ୍ୟମ କରାଯାଇଥିଲା ବୋଲି ସେ ଉଦ୍ଧାର ସମୟରେ କଲୋନୀବାସୀଙ୍କୁ କହିଥିବା ଅଭିଯୋଗରେ ଦର୍ଶାଯାଇଛି। ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି ଯେ, ଏହା ବଳି ନୁହେଁ, ଯୁବକଙ୍କୁ କେତେଜଣ ଲୋକ ମାଡ଼ ମାରିଥିଲେ। ତାଙ୍କ ପାଟିଶୁଣି କଲୋନୀ ଲୋକ ଉଦ୍ଧାର କରିବା ସହ ଏହାକୁ ବଳି ଉଦ୍ୟମ ବୋଲି କହୁଛନ୍ତି। ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯାଉଛି ବୋଲି ସେନାପତି କହିଛନ୍ତି।



ରବିବାର ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ କେନ୍ଦ୍ରରେ ଓଡ଼ିଶା ସିଭିଲ ସର୍ଭିସ ପ୍ରିଲିମ ପରୀକ୍ଷା ଦେଇ ପରୀକ୍ଷାର୍ଥୀମାନେ ଫେରୁଛନ୍ତି।

## ଖବରଦାତା ସମ୍ମିଳନୀରେ ସତର୍କତାମୂଳକ ପଦକ୍ଷେପ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ଗୀତଗୋବିନ୍ଦ ସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଧ ସତର୍କତା ମୂଳକ ପଦକ୍ଷେପ ଆପଣାଯାଇଥିଲା। ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅନ୍ତତଃ ୧ ମିଟର ବ୍ୟବଧାନରେ ବସିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଖବରଦାତା ଓ କ୍ୟାମେରାମ୍ୟାନମାନେ ପରସ୍ପରଠାରୁ ଦୂରରେ ବସିବା ସହ କ୍ୟାମେରାକୁ ମଧ ଦୂରରେ ରଖିଥିଲେ। ଏହାଛଡ଼ା ସମ୍ଭାବ୍ୟ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପରିଷ୍କାର ହାତ ଧୁଆ ପାଇଁ ମଧ ବ୍ୟବସ୍ଥା ରହିଥିଲା।

## ମେଳଣରେ ବାଣ ଛିଟିକି ୨୦ରୁ ଊର୍ଦ୍ଧ୍ୱ ଆହତ

ପିପିଲି, ୧୫।୩(ଡି.ଏନ.ଏ):

ହରିରାଜପୁରର ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଜମାଣ ହେଉଥିବାବେଳେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ ବାଣରୁ ନିଆଁ ବାରୁଦଖଣ୍ଡ ଛିଟିକି ଜନଗହଳି ମଧରେ ପଡ଼ିବାରୁ ଜଣେ ଖବରଦାତାଙ୍କ ସମେତ ୨୦ଜଣରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ଗୁରୁତର ଆହତ ବ୍ୟକ୍ତି ଏବେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

## ରୋଗୀଙ୍କ ପର୍ସ, ମୋବାଇଲ୍ ଫୋନ୍ ଫେରାଇ ଆମ୍ବୁଲାନ୍ସ କର୍ମଚାରୀ ପ୍ରଶଂସିତ

ଭୁବନେଶ୍ୱର,୧୫।୩(ବ୍ୟୁରୋ)



ପ୍ରିୟରଞ୍ଜନଙ୍କୁ ପର୍ସ ଫେରାଉଛନ୍ତି ବିଭୁତି ।

କେତେଜଣ ଲୋକ ଅଛନ୍ତି, ଯେଉଁମାନେ ମାନବିକତାକୁ ସର୍ବାଗ୍ରେ ରଖିଥାନ୍ତି। ଏକ ୧୦୮ ଆମ୍ବୁଲାନ୍ସର ୩ଜଣ କର୍ମଚାରୀ ମଧ ମାନବିକତା ଦେଖାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେମାନେ ଜଣେ ରୋଗୀଙ୍କ ପର୍ସ ଓ ମୋବାଇଲ ଫୋନ ଫେରାଇ ପ୍ରଶଂସା ସାଉଁଟିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଅଧୀନ ମହାକାଳପଡ଼ା ବ୍ଲକର ନାଳଡିଆଠାରେ ଗତମାସ ୧୯ ତାରିଖରେ ପ୍ରିୟରଞ୍ଜନ ଲେଙ୍କା ନାମକ ଜଣେ ୨୬ ବର୍ଷୀୟ ଯୁବକ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଖବରପାଇ ଆମ୍ବୁଲାନ୍ସ ଚାଳକ ବିଭୂତି, ଭୂଷଣ ସ୍ୱାଇଁ, ଇଏମ୍‌ଟି ଏସ୍‌କେ ସନ୍ତୋଷ କୁମାର ଏବଂ ସହାୟକ ଆଲୋକ କୁମାର ମଳିକ ୧୦୮ ଆମ୍ବୁଲାନ୍ସ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରିୟରଞ୍ଜନ ଅଚେତ ଥିବାବେଳେ ଦୁର୍ଘଟଣାସ୍ଥଳରେ କୌଣସି ପରିବାର ସଦସ୍ୟ ଉପସ୍ଥିତ ନଥିଲେ। ଆମ୍ବୁଲାନ୍ସ କର୍ମଚାରୀମାନେ ସେଠାରୁ ପ୍ରିୟରଞ୍ଜନଙ୍କ ପର୍ସ ଓ ମୋବାଇଲ ଫୋନ ପାଇଥିଲେ। ଉକ୍ତ ଫୋନ ମାଧ୍ୟମରେ ସେମାନେ ପ୍ରିୟରଞ୍ଜନଙ୍କ ପରିବାର ସହ ଯୋଗାଯୋଗ କରିଥିଲେ ଏବଂ ତାଙ୍କୁ ତୁରନ୍ତ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡକାଇଥିଲେ। ଘରଠାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା କମ୍ ହୋଇଥିବାରୁ ରୋଗୀଙ୍କୁ ସେହିଠାରେ ହିଁ ରଖାଯାଇଥିଲା। ଏହାପରେ ରୋଗୀଙ୍କର ପରିବାର ସଦସ୍ୟମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ଚାଳକ ବିଭୂତି ଭୂଷଣ ସ୍ୱାଇଁ ଘଟଣାସ୍ଥଳରୁ ପାଇଥିବା ପର୍ସ ଓ ମୋବାଇଲକୁ ସେମାନଙ୍କୁ ହସ୍ତାନ୍ତର କରିଥିଲେ।

## ହୋଟେଲ ଉପରେ କଡ଼ା ନଜର ରଖିବାକୁ ଡିସିପିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୫।୩(ବ୍ୟୁରୋ):

କରୋନା ମୁକାବିଲା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଜାରି ରହିଛି। ରବିବାର ଡିସିପି ଅନୁପ ସାହୁ ବୈଠକ ଡାକି ସ୍ଥିତିକୁ ନେଇ ଆଲୋଚନା କରିଛନ୍ତି। ରାଜଧାନୀର ହୋଟେଲଗୁଡ଼ିକରେ ବିଦେଶୀ ପର୍ଯ୍ୟଟକ ରହୁଛନ୍ତି। ଅନ୍ୟ ରାଜ୍ୟରୁ କରୋନା ସଂକ୍ରମିତ ରୋଗୀ ଆଇସୋଲେଶନ ୱାର୍ଡରୁ ଲୁଚି ଆସି ଓଡ଼ିଶା ପଳାଇ ଆସୁଛନ୍ତି। ତେଣୁ ସହରରେ ଥିବା ହୋଟେଲ ଉପରେ କଡା ନଜର ରଖିବାକୁ ଡିସିପି ସାହୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହୋଟେଲରେ ରହୁଥିବା ବିଦେଶୀ ଓ ଅନ୍ୟ ରାଜ୍ୟର ଲୋକଙ୍କ ସମ୍ପର୍କରେ ତଥ୍ୟ ନେବାକୁ କୁହାଯାଇଛି। ଏ ସମ୍ପର୍କରେ ହୋଟେଲ ପକ୍ଷରୁ ତୁରନ୍ତ ଯେପରି ପୋଲିସକୁ ଖବର ଦେବେ ତାହା ଉପରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ପର୍ଯ୍ୟଟକଙ୍କ ଥଣ୍ଡା, କାଶ ଓ ଛିଙ୍କ ହେଉଛି ତୁରନ୍ତ ପୋଲିସ କିମ୍ବା ହସ୍ପିଟାଲକୁ ଜଣାଇବାକୁ କୁହାଯାଇଛି। ସେହିଭଳି କୌଣସି ସ୍ଥାନରେ ଅଧିକ ଲୋକ ଏକାଠି ହେଉଥିଲେ ପୋଲିସ ପହଞ୍ଚି ବୁଝାଶୁଝା କରିବାକୁ ପରାମର୍ଶ ଦେଇଛନ୍ତି ଡିସିପି।

### ଥାନାରେ ହାତ ଧୋଇବେ ଅଭିଯୋଗକାରୀ

ସଂକ୍ରମଣରୁ ରକ୍ଷା ପାଇବା ପାଇଁ ହାତ ଧୋଇବା ଉପରେ ଗୁରୁତ୍ୱ ଦିଆଯାଉଛି। ତେଣୁ ଥାନାକୁ ବିଭିନ୍ନ ଶ୍ରେଣୀର ଲୋକେ ଅଭିଯୋଗ ପାଇଁ ଆସିବା ବେଳେ ଯେପରି ସେମାନେ ଭଲ ଭାବେ ହାତ ଧୋଇ ଅଭିଯୋଗ କରିବେ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା ହୋଇଛି। କମିଶନରେଟ ପୋଲିସ ଅନ୍ତର୍ଗତ ସମସ୍ତ ଥାନାରେ ଏଥିପାଇଁ ସାବୁନ ଓ ପାଣି ରଖାଯାଇଛି। କେବଳ ଅଭିଯୋଗକାରୀ ନୁହେଁ, ତାଙ୍କ ସହ ଆସୁଥିବା ଲୋକଙ୍କ ସମେତ ଥାନା କର୍ମଚାରୀ ହାତ ଧୋଇ ଥାନା ଭିତରକୁ ଯାଉଥିବା ଦେଖିବାକୁ ମିଳୁଛି।

## ମହିଳା ଥାନାରେ ହେବ ଚାଇଲ୍ଡ ଫ୍ରେଣ୍ଡଲି ରୁମ୍

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ପ୍ରତିଦିନ ମହିଳା ଥାନାକୁ ଏକାଧିକ ମହିଳାମାନେ ନିଜର ଅଭିଯୋଗ ନେଇ ଆସୁଛନ୍ତି। ଏପରିକି ସେମାନେ ସାଥିରେ ସେମାନଙ୍କ ପିଲାଙ୍କୁ ମଧ ଥାନାକୁ ଆଣୁଛନ୍ତି। ଫଳରେ ମା' ଅଭିଯୋଗ ଲେଖିବା ସମୟରେ ଶିଶୁମାନେ ହଇରାଣ କରିବା ସହ ଥାନା କର୍ମଚାରୀ ଶିଶୁଙ୍କୁ ସମ୍ଭାଳିବାକୁ ନାକେଦମ ହେବାକୁ ପଡ଼ିଥାନ୍ତି। ବିଶେଷ କରି ମହିଳା ଅଭିଯୋଗ ଆଧାରରେ ତଦନ୍ତକାରୀ ଅଧିକାରୀ ମହିଳାଙ୍କ ବୟାନ ନେବା ସମୟରେ ମଧ ଶିଶୁ ସମସ୍ୟା ସୃଷ୍ଟି କରନ୍ତି। ଏହାକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ମହିଳା ଥାନାରେ ଚାଇଲ୍ଡ ଫ୍ରେଣ୍ଡଲି ଡେସ୍କ ଖୋଲାଯିବ। ଏ ନେଇ କମିଶନରେଟ ପୋଲିସ ପକ୍ଷରୁ ଗୃହ ବିଭାଗକୁ ଚିଠି କରାଯାଇଥିବାବେଳେ ତାହା ଅନୁମତି ମିଳିଥିବା ଜଣାପଡିଛି। ଖୁବଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହି ରୁମ୍‌ରେ ଶିଶୁଙ୍କ ପାଇଁ ସମସ୍ତ ବ୍ୟବସ୍ଥା ରହିବ। ରୁମ୍‌ଟି ପୂରା ପ୍ଲେ ସ୍କୁଲ ଆକାରର କରାଯିବ। ଏହି

### ଖାଇବା ସାମଗ୍ରୀ ସହ ରହିବ ଖେଳନା

ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଥାନାକୁ ଆସୁଥିବା ଛୋଟପିଲା ପୋଲିସକୁ ନିଜର ବନ୍ଧୁପରି ଭାବିବେ। ଏହି ରୁମ୍‌ରେ ଛୋଟ ପିଲା ଖାଇବା ପାଇଁ ମିଲ୍‌କୀ ପାଉଡର,ବିସ୍କୁଟ ସହ ବିଭିନ୍ନ ଖେଳନା ଓ ଡ୍ରଇଁ ପାଇଁ ପେନ୍‌ସିଲ୍, କାଗଜ ଓ ରଙ୍ଗ୍ ରଖାଯିବ। ଏହି ରୁମ୍ ମହିଳା ଥାନା ପରିସରରେ ହେଲେ ମଧ୍ୟ ଥାନାରୁ ସାମାନ୍ୟ ଦୂରରେ କରାଯିବ। ଯେପରି ଥାନାକୁ ପିଲା ଆଣି ଆସୁଥିବା ମା'ମାନେ ପିଲାଙ୍କୁ ଏହି ଡେସ୍କରେ ଛାଡି ପୋଲିସ ସହ ତଦନ୍ତ ପାଇଁ ସାଥିରେ ଯାଇପାରିବେ। ଏଠାରେ ଜଣେ ମହିଳା କନ୍‌ଷ୍ଟେବଲ ସାଦା ପୋଷାକରେ ରହିବେ। ସେ ଶିଶୁଙ୍କ ଖାଇବା ଠାରୁ ଆରମ୍ଭ କରି ଦେଖାରଖା କରିବେ। ଏହି ରୁମ୍‌ର କାନ୍ଥରେ ବିଭିନ୍ନ ରଙ୍ଗବେରଙ୍ଗର ଚିତ୍ର କରାଯିବ। ଏହି ଚାଇଲ୍ଡ ଫ୍ରେଣ୍ଡଲି ରୁମ୍ ଚେନ୍ନାଇ,ଦିଲ୍ଲୀ,ମୁମ୍ବାଇ ଭଳି ବଡ ବଡ ସହରରେ ଥିବା ମହିଳା ଥାନାରେ କରାଯାଇଛି।

## କରୋନା ମାଡ଼ରେ ବେପାର ମାନ୍ଦା

ଭୁବନେଶ୍ୱର, ୧୫।୩(ବ୍ୟୁରୋ):

କରୋନା ଭାଇରସ୍ ସଂକ୍ରମଣକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ବହୁ ପଦକ୍ଷେପ ନିଆଯାଉଛି। ହାଟ, ବଜାର, ସଭା ସମିତିକୁ ନ ଯିବାକୁ ବାରଣ କରାଯାଉଛି। ଦେଶର ବିଭିନ୍ନ ରାଜ୍ୟରେ ଏବେ ହାଟ, ବଜାର, ମଲ୍ ବନ୍ଦ ହୋଇଯାଇଥିବା ବେଳେ ଅଧିକାଂଶ ଲୋକେ ଗହଳି ସ୍ଥାନକୁ ଯଥାସମ୍ଭବ ଏଡ଼ାଇବା ପାଇଁ ଚେଷ୍ଟା କରୁଛନ୍ତି ଯାହାର,ସ୍ପଷ୍ଟ ଚିତ୍ର ଭୁବନେଶ୍ୱରର ସବୁଠୁ ଜନଗହଳି ସ୍ଥାନ କୁହାଯାଉଥିବା ୧ ନମ୍ବର ମାର୍କେଟ, ୨ ନମ୍ବର ମାର୍କେଟ ବିଲ୍ଡିଂ, ଜନପଥ ଏବଂ ଜୟଦେବ ବିହାର ରୋଡ଼ରେ ଥିବା ମଲ୍‌ଗୁଡ଼ିକରେ ବାରି ହୋଇପଡ଼ିଛି। ଦିନରେ ହାତଗଣତି ଲୋକଙ୍କୁ ଦେଖିବାକୁ ମିଳିଥିବା ବେଳେ ସନ୍ଧ୍ୟାରେ ପୂର୍ବ ପରି ଭିଡ଼ ଜମୁନି। ଫଳରେବେପାର ଉପରେ



କରୋନା ଭୟ ଯୋଗୁ ଫାଙ୍କାପଡିଥିବା ମାର୍କେଟ ବିଲ୍ଡିଂ ।

ଏବେ କରୋନା ଚଡ଼କ ପଡ଼ିଥିବା କିଛି ବ୍ୟବସାୟୀ ପ୍ରକାଶ କରିଛନ୍ତି।

ୟୁନିଟ ୧ ହାଟରେ ପରିବା ବ୍ୟବସାୟୀ ଜଗନ୍ନାଥ ଦାସ କହିଛନ୍ତି, ଆଗ ଭଳି ଆଉ ଲୋକ ଆସୁ ନାହାଁନ୍ତି, ଭିଡ଼ କମିଛି। ହାଟର କିଛି ବ୍ୟବସାୟୀ ମଧ୍ୟ ଦୋକାନ ବନ୍ଦ୍ କରିଦେଲେଣି। ଆଗକୁ ୩୧ ତାରିଖ ଯାଏ ମାର୍କେଟ ବନ୍ଦ ହେବ ବୋଲି ଶୁଣିବାକୁ ମିଳୁଛି। ପରିବା ବେପାର ହେଉଛି ସବୁଦିନିଆ ବେପାର, ବିକ୍ରି ହେଲେ ଦି ପଇସା ମିଳିବ, ନହେଲେ ନାହିଁ। ଲୋକ ନଆସିବା ଫଳରେ ପରିବା ପଚୁଛି ବୋଲି ସେ କହିଛନ୍ତି।

ସେହିପରି ୟୁନିଟ୍ ୧ ହାଟରେ ଲୁଗା ଦୋକାନୀ ଅଞ୍ଜନ ପରିଡ଼ା କୁହନ୍ତି, କରୋନାରେ ସଂକ୍ରମିତ ହେବା ଅପେକ୍ଷା ଦୋକାନ ବନ୍ଦ କରିଦେବା ଭଲ। ବର୍ତ୍ତମାନ ଯାଏ ଦୋକାନ ବଜାର ବନ୍ଦ କରିବାକୁ କିଛି ନିର୍ଦ୍ଦେଶ ଆସିନି, ଯଦି ଆସେ ତାହେଲେ ଆମେ ଦୋକାନ ବନ୍ଦ କରିବୁ। ପଇସା ପାଇଁ ଦୋକାନ ଖୋଲି ରୋଗ କିଣି ଲାଭ କଣ ବୋଲି ସେ କହିଛନ୍ତି।

ଅନୁରୂପ ଭାବେ ଜୟଦେବ ବିହାର ଓ ଜନପଥରେ ଥିବା ମଲ୍‌ଗୁଡ଼ିକରେ ମଧ୍ୟ ଜନ ସମାଗମ ହ୍ରାସ ପାଇଛି। ବହୁତ୍ କମ୍ ମାତ୍ରାରେ ଲୋକେ ମଲ୍‌କୁ ସପିଂ କରିବାକୁ ଯାଉଛନ୍ତି। ଯେ କେହି ବି ମଲ୍ ଯାଉଛନ୍ତି, ସତର୍କତା ଅବଲମ୍ବନ କରି ମୁହଁରେ ମାସ୍କ ପିନ୍ଧି ଯାଉଥିବାର ଦେଖିବାକୁ ମିଳିଛି। ଏପରିକି ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍, ରାଜମହଲ, ଏଜି, କିଟ୍ ଛକ, ନୟାପଲ୍ଲୀ ଭଳି ଜନସମାଗମ ଅଞ୍ଚଳରେ ମଧ୍ୟ ରାସ୍ତାରେ ଭିଡ଼ ହ୍ରାସ ପାଇଛି। ଫଳରେ ଅସ୍ଥାୟୀ ତଥା ଉଠା ଦୋକାନୀଙ୍କ ବେପାରରେ ମଧ୍ୟ କରୋନାର ପ୍ରଭାବ ଦେଖିବାକୁ ମିଳିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୬/୨୦୨୦ Bhubaneswar, Monday, March 16/2020

# ଫିଲ୍ମ, ଧାରାବାହିକ ଶୁଟିଂ ବନ୍ଦ

**କରୋନା ଭୟ**

**ଭୁବନେଶ୍ୱର,୧୫।୩(ବ୍ୟୁରୋ)** କରୋନା ଭୟାବହତାକୁ ଦୃଷ୍ଟିରେ ରଖି ଫିଲ୍ମ ଓ ଧାରାବାହିକ ଶୁଟିଂକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏଥିଲାଗି ହାତ ମିଳାଇଛନ୍ତି ଇଣ୍ଡିଆନ୍ ମୋଶନ ପିକ୍‌ଚର ପ୍ରଡ୍ୟୁସର୍ସ ଆସୋସିଏଶନ (ଆଇଏମ୍‌ପିପିଏ), ୱେଷ୍ଟର୍ନ ଇଣ୍ଡିଆ ଫିଲ୍ମ ପ୍ରଡ୍ୟୁସର୍ସ ଆସୋସିଏଶନ (ଡବ୍ଲ୍ୟୁଆଇପିଏଫ୍‌ଏ), ଇଣ୍ଡିଆନ୍ ଫିଲ୍ମ ଆଣ୍ଡ୍ ଟିଭି ପ୍ରଡ୍ୟୁସର୍ସ କାଉନ୍‌ସିଲ (ଆଇଏଫ୍‌ଟିପିସି), ଇଣ୍ଡିଆନ୍ ଫିଲ୍ମ ଆଣ୍ଡ୍ ଟେଲିଭିଜନ ଡାଇରେକ୍ଟର୍ସ ଆସୋସିଏଶନ (ଆଇଏଫ୍‌ଟିଡିଏ) ଏବଂ ଫେଡେରେଶନ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍ (ଏଫ୍‌ଡବ୍ଲ୍ୟୁଆଇସିଇ)। ରବିବାର ଅନୁଷ୍ଠିତ ଏକ ମିଳିତ ବୈଠକରେ ଫିଲ୍ମ ସହ ସମସ୍ତ ଟେଲି ଧାରାବାହିକ, ୱେବ୍ ସିରିଜ ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମର ସମସ୍ତ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମର ଶୁଟିଂକୁ ଆସନ୍ତା ୧୯ ତାରିଖରୁ ୩୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ସ୍ଥିର କରାଯାଇଛି। ଏପଟେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ସମସ୍ତ ସିନେମା ହଲ୍, ଶିକ୍ଷାନୁଷ୍ଠାନ, ମହୋତ୍ସବକୁ ବନ୍ଦ କରାଯାଇଥିବାବେଳେ ପ୍ରଯୋଜକ ଆସୋସିଏଶନ ଏଥିରେ ସମସ୍ତ ପ୍ରକାର ସହାୟତା ଯୋଗାଇଦେବ ବୋଲି କହିଛି। ତେବେ ୧୯ ତାରିଖ ପର୍ଯ୍ୟନ୍ତ ଶୁଟିଂ କରୁଥିବା ସଂସ୍ଥା ସମସ୍ତ ପ୍ରକାର ପ୍ରାକ୍ ସଚେତନମୂଳକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ୩୦ ତାରିଖରେ ଆଉ ଏକ ବୈଠକ ବସି ପରିସ୍ଥିତିକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଇଣ୍ଡିଆନ୍ ମୋଶନ ପିକ୍‌ଚର ପ୍ରଡ୍ୟୁସର୍ସ ଆସୋସିଏଶନ କହିଛି।

ଏପଟେ ଓଡ଼ିଶାରେ ମଧ୍ୟ ସମସ୍ତ ଚଳଚ୍ଚିତ୍ର ଓ ଧାରାବାହିକର ଶୁଟିଂ ବନ୍ଦ କରିବାକୁ ଓଡ଼ିଶା ପ୍ରଡ୍ୟୁସର୍ସ ଆସୋସିଏଶନ ନିଷ୍ପତ୍ତି ନେଇଛି। ମନୋରଞ୍ଜନ ଶିଳ୍ପ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ଲାଗି ଏପରି ନିଷ୍ପତ୍ତି ନିଆଯାଇଥିବାବେଳେ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଶୁଟିଂ ବନ୍ଦ ରହିବ। ଧାରାବାହିକଗୁଡ଼ିକ ପୂର୍ବରୁ ଶୁଟିଂ ସରିଥିବା ଏପିସୋଡ୍‌ରେ ଚାଲିବ। ୧୫ଦିନ ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପ୍ରଡ୍ୟୁସର୍ ଆସୋସିଏଶନ୍‌ର ଏକ୍‌ଜିକ୍ୟୁଟିଭ୍ ବଡି ସଦସ୍ୟ ଲୁଟୁ ମହାନ୍ତି କହିଛନ୍ତି।

# ୧୯ ପର୍ଯ୍ୟନ୍ତ ସ୍ୱଳ୍ପ ବର୍ଷା, ୩୫ ଡିଗ୍ରୀ ଡେଇଁଲା ତାତି

**ଭୁବନେଶ୍ୱର, ୧୫।୩ (ବ୍ୟୁରୋ):** ରାଜ୍ୟରେ ଏବେ ବିଭିନ୍ନ ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେଉଛି। ଏହିଭଳି ବର୍ଷା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଲାଗି ରହିବ। ସୋମବାର କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରରେ ବର୍ଷା ହେବାର ସମ୍ଭାବନା ରହିଛି। ବାକି ସ୍ଥାନରେ ପାଗ ଶୁଖିଲା ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆଶଙ୍କା କରାଯାଇଛି। ସେହିପରି ମଙ୍ଗଳବାର ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଓ ମୟୂରଭଞ୍ଜରେ ବର୍ଷା ହେବ। ବୁଧବାର ବରଗଡ଼, ବଲାଙ୍ଗୀର, ସୋନପୁର, ଝାରସୁଗୁଡ଼ା, କଳାହାଣ୍ଡି, ବୌଦ୍ଧ, ସୁନ୍ଦରଗଡ଼, କନ୍ଧମାଳ, ନବରଙ୍ଗପୁର, କୋରାପୁଟରେ ବର୍ଷା ହେବ। ସେହିଦିନ ବରଗଡ଼, ବଲାଙ୍ଗୀର, ସୋନପୁର ସୁନ୍ଦରଗଡ଼, ଝାରସୁଗୁଡ଼ା, ବୌଦ୍ଧ ଓ କଳାହାଣ୍ଡିରେ ଝଡ଼ତୋଫାନ ସହିତ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏସବୁ ଜିଲାରେ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେଥିପାଇଁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଗୁରୁବାର ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି। ସେହିଦିନ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, ଢେଙ୍କାନାଳ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମରେ ବଜ୍ରପାତ ସହ ୩୦ରୁ ୪୦କିମି ପବନ ବହିବ। ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ସେହିଦିନ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ସୋନପୁର, ବୌଦ୍ଧ, କଟକ, କଳାହାଣ୍ଡି, ରାୟଗଡ଼ା ଓ ଗଜପତିରେ ମଧ୍ୟ ବଜ୍ରପାତ ହେବ। ତେଣୁ ଏସବୁ ଜିଲାକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ତାପମାତ୍ରା ବଢୁଥିବାବେଳେ ରବିବାର ମାଲକାନଗିରିରେ ସର୍ବାଧିକ ୩୫.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ଇଟାଲି ଫେରନ୍ତାଙ୍କ ରିପୋର୍ଟ ନେଗେଟିଭ୍

**କଟକ ଅଫିସ,୧୫।୩:** କରୋନା ସନ୍ଦେହରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିବା ଯୁବକଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ତାଙ୍କ ଘର କଟକରେ ହୋଇଥିବା ବେଳେ ସେ ଇଟାଲିରେ ଇଞ୍ଜିନିୟର୍ ଭାବେ କାମ କରୁଥିଲେ। ଗତ ୨ତାରିଖରେ ସେ ଘରକୁ ଫେରିଥିଲେ। ପରେ ତାଙ୍କୁ ଥଣ୍ଡା, କଫ, କାଶ ହେବାରୁ ଏସ୍‌ସିବି ମେଡିକାଲର ସ୍ୱତନ୍ତ୍ର ଆଇସୋଲେଶନ୍ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ତାଙ୍କର ସ୍ୱାବ୍ ଏବଂ ରକ୍ତ ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱରର ଆର୍‌ଏମ୍‌ଆର୍‌ସିକୁ ପଠାଯାଇଥିଲା। ରବିବାର ରିପୋର୍ଟ ଆସିବା ପରେ ଏହା ନେଗେଟିଭ୍ ବୋଲି ଜଣାପଡ଼ିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଯୋଗୁ ତାଙ୍କୁ ଖୁବ୍‌ଶୀଘ୍ର ଡିସ୍‌ଚାର୍ଜ କରାଯିବ। ପୂର୍ବରୁ ଥିବା ଆଉ ଜଣେ ସନ୍ଦିଗ୍ଧଙ୍କ ରିପୋର୍ଟ ମଧ୍ୟ ନେଗେଟିଭ୍ ରହିଥିବାବେଳେ ତାଙ୍କୁ ଏପର୍ଯ୍ୟନ୍ତ ଡିସ୍‌ଚାର୍ଜ କରାଯାଇନି। ବର୍ତ୍ତମାନ ସୁଦ୍ଧା ମୋଟ୍ ୯ଜଣ ସନ୍ଦିଗ୍ଧ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ସମସ୍ତଙ୍କ ନମୁନା ନେଗେଟିଭ୍ ରହିଛି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ରାଗିବା ପୂର୍ବରୁ ହଠାତ ସ୍ଥିର ହୋଇଯାଅ। ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
- କନ୍‌ଫୁସିୟସ୍



## ସଂକ୍ଷେପରେ

### ବଧୂଙ୍କୁ ନିର୍ଯାତନା ଅଭିଯୋଗ

ରଘୁନାଥପୁର, ୧୫। ୩ (ଡି.ଏନ.ଏ.)- ସ୍ୱାମୀ ଓ ଶ୍ୱଶୁରଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଜଣେ ବଧୂ କିଶନନଗର ଥାନା ଅନ୍ତର୍ଗତ କଲରାବାଙ୍କ ଫାଣ୍ଡିରେ ରାବିବାର ଅଭିଯୋଗ କରିଛନ୍ତି। ମହିଳା ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଶିର୍ଲୋ ଗାଁର ପ୍ରିୟଙ୍କା ସିଂହ। ପ୍ରିୟଙ୍କା ଦିଲୀପଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ଅଢ଼େଇ ବର୍ଷର ଝିଅ ଅଛି। ଦିଲୀପ ଦିଲ୍ଲୀସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ବର୍ଷେରୁ ଊର୍ଦ୍ଧ୍ୱ ହେବ ସ୍ତ୍ରୀଙ୍କ ଭରଣପୋଷଣ ପାଇଁ ଟଙ୍କାଟିଏ ଦେଉ ନ ଥିବା ପ୍ରିୟଙ୍କା ଅଭିଯୋଗରେ ଦର୍ଶାଇଛନ୍ତି। ସେ ପର ଘରେ କାମ କରି ଝିଅଙ୍କୁ ଲାଳନ ପାଳନ କରୁଛନ୍ତି। ଶ୍ୱଶୁର ମୋହନ ସେସୁ କାର୍ଯ୍ୟାଳୟକୁ ଫୋନ କରି ପ୍ରିୟଙ୍କା ଚଳୁଥିବା ଘରର ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରି ଦେଇଛନ୍ତି। ଫଳରେ ପ୍ରିୟଙ୍କା ଝିଅକୁ ନେଇ ଏକୁଟିଆ ଘରେ ରହିବାକୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦେବାକୁ ପ୍ରିୟଙ୍କା ପୋଲିସ ନିକଟରେ ଫେରାଦ ହୋଇଛନ୍ତି।

### ସତ୍ୟସାଇ ସେବା ସମିତି ପକ୍ଷରୁ ମନ୍ଦିର ସଫେଇ



ବାଙ୍କୀ,୧୫।୩(ସ୍ୱ.ପ୍ର.): ବାଙ୍କୀ ସତ୍ୟସାଇ ସେବା ସମିତି ପକ୍ଷରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବେଦପୁର ଗ୍ରାମରେ ଥିବା କୁଞ୍ଜବିହାରୀ ମନ୍ଦିର ପରିସର ସଫେଇ କରାଯାଇଛି। କାର୍ଯ୍ୟକ୍ରମକୁ ଆବାହକ ସିଦ୍ଧାନ୍ତ ଶେଖର ମହାପାତ୍ର ଓ ସେବା ସଂଯୋଜକ ମନୋଜ ଦଳେଇ ପରିଚାଳନା କରିଥିଲେ। ଆଧାତ୍ମିକ ସଂଯୋଜକ କ୍ରୀତିକରଣ ପଣ୍ଡା, ଯୁବସଂଯୋଜକ ମନୋଜ ବାରିକ, ଉପଦେଷ୍ଟା ସୁବାସ ପଣ୍ଡା, ଚିନ୍ମୟ ପୃଷ୍ଟି, ମଦନମୋହନ ପୃଷ୍ଟି, ନରେଶ ରାଉତ, ସରୋଜ ବାରିକ, ସନ୍ତୋଷ ବେହେରା, ଗୋବିନ୍ଦ ପରିଡ଼ା, ଶିବପ୍ରସାଦ ବେହେରା, ପ୍ରତୀମା ବେହେରା, ସନ୍ଧ୍ୟାରାଣୀ ପ୍ରଧାନ, ନୀଳିମା ବେହେରା, ତୃପ୍ତୀମୟୀ ମହାପାତ୍ର, ଦୀପାଞ୍ଜଳି ପ୍ରଧାନ ଓ ଭଜନମଣ୍ଡଳୀ ଆବାହକ ଶାଶ୍ୱତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ।

### ରାମଚରିତ ମାନସ ପାରାୟଣ

ବାଙ୍କୀ,୧୫।୩(ସ୍ୱ.ପ୍ର.): ବାଙ୍କୀ ଟାଉନ୍ ମନ୍ଦିର ରୋଡ୍‌ରେ ରାମଚରିତ୍ର ମାନସ ପାରାୟଣ ୧୩ ତାରିଖଠାରୁ ଆରମ୍ଭ ହୋଇଛି। ଗୋସ୍ୱାମୀ ତୁଳସୀ ଦାସ ମହାରାଜଙ୍କ ରଚିତ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ପାରାୟଣ ଶ୍ରବଣ କରୁଛନ୍ତି। ପାରାୟଣରେ ବ୍ୟାସ ପ୍ରମୋଦ ମହାପାତ୍ର ଦୈନନ୍ଦିନ ପୂଜାର୍ଚ୍ଚନା ଓ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ପଣ୍ଡିତ ଆଶୀର୍ବାଦ ଜୀ ମହାରାଜ, ପଣ୍ଡିତ ଜଗନ୍ନାଥ ଦାସ, ପଣ୍ଡିତ ମାନସ ରଞ୍ଜନ ମହାରାଜ, ବଳାଦ୍ରୀ ମହାରାଜ, ପଣ୍ଡିତ ସନ୍ତୋଷ ସାହୁ, ପଣ୍ଡିତ ଅରୁଣ ପଣ୍ଡା ପ୍ରବଚନ ପ୍ରଦାନ କରୁଛନ୍ତି। ଯୁଗୋଳ କିଶୋର ଭୂତ୍, ପ୍ରଶାନ୍ତ ମହାପାତ୍ର, ସନ୍ତୋଷ ବୈଠାରୁ, ଲଳୀତ ବଥୁଆଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ଆଠଗଡ଼ ପଞ୍ଚ ଦୋଳଯାତ୍ରା ସମ୍ପନ୍ନ

**ସାମିଲ ହେଲେ ୪୯ ବିମାନ**
- କରୋନା ଭୟରେ କମିଲେ ଶ୍ରଦ୍ଧାଳୁ

ଆଠଗଡ଼,୧୫।୩(ସ୍ୱ.ପ୍ର.): ଆଠଗଡ଼ର ପ୍ରସିଦ୍ଧ ପଞ୍ଚ ଦୋଳଯାତ୍ରା ଏବଂ ହୋଲି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଦୋଳଯାତ୍ରା ଉପଲକ୍ଷେ ଆଠଗଡ଼ ସହର ଉତ୍ସବମୁଖର ହୋଇ ଉଠିଥିଲା। ସହରର ପ୍ରମୁଖ ବଜାରରେ ରଙ୍ଗୀନ ଆଲୋକସଜ୍ଜା, ଅସ୍ଥାୟୀ ଦୋକାନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ତେବେ କରୋନା ଭୂତାଣୁ ସଂକ୍ରମଣ ଭୟରେ ଚଳିତ ବର୍ଷ ଜନାସମାଗମ କମିଥିଲା। ତଥାପି ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ସହରର ଆଖପାଖ ଯଥା: ଶ୍ରୀଧବଳେଶ୍ୱର, ଶ୍ରୀସର୍ପେଶ୍ୱର ଦେବ ଏବଂ ଗୁରୁଡ଼ିଝାଟିଆ ଅଞ୍ଚଳରୁ ମୋଟ ୪୯ଟି ବିମାନରେ ଠାକୁର ଆସିଥିଲେ। ରାଧାଗୋବିନ୍ଦଜୀଉ ମନ୍ଦିର ସନ୍ନିକଟ ଝୁଲଣ ପଡ଼ିଆରେ ଅସ୍ଥାୟୀ ବାଉଁଶ ଚାଳମାଳ ଉପରେ ବିମାନରୂଢ଼ ଦିଅଙ୍କୁ ବିଶ୍ରାମ ଦିଆଯାଇଥିଲା। ସେଠାରେ ଦେବୋତ୍ତର ବିଭାଗ ପକ୍ଷରୁ ବିମାନବାହୀ ଗୋପାଳ ଭାଇ ଓ ପୂଜକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାତି ୧୧ଟାରେ ଏକ ଶୋଭାଯାତ୍ରାରେ ବିମାନଗୁଡ଼ିକୁ ସହର ପରିକ୍ରମା କରାଯାଇଥିଲା। ଯଜ୍ଞ ନାରାୟଣ ମନ୍ଦିରଠାରେ ରାଜଭୋଗ ଲାଗି ପରେ ରାଧାନାଥପୁର ଶାସନ ଓ କୈବର୍ତ୍ତ ସାହି ଦେଇ ବିମାନ ଶୋଭାଯାତ୍ରା ଦୁର୍ଗାବଜାରରେ ପହଞ୍ଚିଥିଲା। ପରେ ସେଠାରେ ଥିବା ଦୋଳବେଦୀ ନିକଟରେ ଅସ୍ଥାୟୀ ଚାରମାଳରେ ବିମାନଗୁଡ଼ିକୁ ରାତ୍ରି ବିଶ୍ରାମ ଦିଆଯାଇଥିଲା। ରବିବାର ସକାଳେ ବିମାନଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇ ରାଧାଗୋବିନ୍ଦଜୀଉ ଓ ଅଟ୍ଟାଳୀ ଜଗନ୍ନାଥ ମନ୍ଦିରରେ ଭେଟ ଭୋଗ ଲାଗି କରାଯାଇଥିଲା। ସେଠାରୁ ପୁର୍ନବାର ଶୋଭାଯାତ୍ରା ସହର ପରିକ୍ରମା କରି ଯଜ୍ଞ ନାରାୟଣ ମନ୍ଦିରଠାରେ ପହଞ୍ଚିବା ପରେ ରାଜଭୋଗ ଲାଗି କରାଯାଇଥିଲା। ଯଜ୍ଞ ନାରାୟଣ ମନ୍ଦିରରେ ବିମାନ ଏବଂ ବିମାନବାହୀ ଗୋପାଳ ଭାଇ ଓ ପୂଜକଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ ଲାଗି ଏକ ସଭା ଆୟୋଜନ ହୋଇଥିଲା। ସଂକୀର୍ତ୍ତନ ଗୁରୁ ଅଜୟ ଦାସଙ୍କ ସଂଯୋଜନାରେ ଉପଜିଲାପାଳ ଅଜାମ୍ବର ମହାନ୍ତି, ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ, ଦେବୋତ୍ତର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କେଶବାନନ୍ଦ ମହାନ୍ତି, ରାମନାରାୟଣ ମହାନ୍ତି, ଜଗଦାନନ୍ଦ ତ୍ରିପାଠୀ ଓ ପଣ୍ଡିତ ମାନସ ରଞ୍ଜନ ପଣ୍ଡା ପ୍ରମୁଖ ଉଦବୋଧନ ଦେଇ ବିମାନବାହୀ ଗୋପାଳ ଭାଇ ଓ ପୂଜକଙ୍କୁ ସେମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ସାମାଜିକ କର୍ମୀ ମହେଶ ପ୍ରସାଦ ବାରିକଙ୍କ ପକ୍ଷରୁ ବିମାନ ବାହକ ଓ ପୂଜକଙ୍କ ପାଇଁ ଦହିପଣା ବ୍ୟବସ୍ଥା କରାଯାଇଥିଲା। ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା, ସହାୟକ ଭବାନୀ ଶଙ୍କର ପଣ୍ଡାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ରବିବାର ଆଠଗଡ଼ର ହୋଲି ଉତ୍ସବ ଅନୁଷ୍ଠିତ ହୋଇଛି। କରୋନା ଭୂତାଣୁ ସଂକ୍ରମଣ ଭୟରେ ବହୁ କମ ସଂଖ୍ୟାରେ ଲୋକେ ରଙ୍ଗ ଖେଳିଥିବା ଦେଖାଯାଇଥିଲା। ଉଭୟ ଉତ୍ସବରେ ଶୃଙ୍ଖଳା ରକ୍ଷା ପାଇଁ ଆଠଗଡ଼ ଡିଏସପି ଆଲୋକ ରଞ୍ଜନ ରାୟ ଓ ଆଇଆଇସି ଜ୍ଞାନରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ବହୁ ପୋଲିସ କର୍ମଚାରୀ ନିୟୋଜିତ ଥିଲେ।



ଦୋଳବିମାନଗୁଡ଼ିକୁ ସହର ପରିକ୍ରମା କରାଯାଉଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ ଦୁଆର ଦୁଆର ବୁଲେ,
ପୁଅ ଚବିଶି ଏକାଦଶୀ କରେ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ମା' ପଛେ ଦୁଆର ଦୁଆର ବୁଲୁଥାଉ ପୁଅର କିନ୍ତୁ ଫୁଟାଣି କାହିଁରେ କେତେ! ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ବାହାରେ ବୁଲି ବଡ଼ପଣ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମଲୁ ଖୋଜୁଥିଲା କାକର ପାଣି
ବଇଦ ବୋଇଲା ଦେ' ତୋରାଣି।**

ମନ ଜାଣି ଫଳପ୍ରାପ୍ତି। ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରି ରହିଥାଏ ବା ଆଶା କରିଥାଏ ବେଳେ ବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ। ଆଶାନୁରୂପ ଦ୍ରବ୍ୟ ସହଜରେ ପାଇଯିବା ବା ବିନା ପ୍ରଚେଷ୍ଟାରେ ଇଚ୍ଛା ମୁତାବକ ଜିନିଷ ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସେମିରେ ଆର୍‌କେ ଏକାଡେମୀ

**ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**





ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

ଟିଗିରିଆ,୧୫।୩(ଡି.ଏନ.ଏ.) ଟିଗିରିଆ ବ୍ଲକ ଅଧୀନ ଜମାତ ଅହମ୍ମଦିୟା କରଡ଼ାପଲ୍ଲୀ ଖେଳ ପଡ଼ିଆଠାରେ ଯୁବ ଅହମ୍ମଦିୟା ପକ୍ଷରୁ ଆୟୋଜିତ ୫ମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ରବିବାର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଚାନ୍ଦ କ୍ଲବ୍ ତାଳବରକୋଟ(ଢେଙ୍କାନାଳ)କୁ ୨-୦ଗୋଲରେ ପରାସ୍ତ କରି ଆର୍.କେ. ଏକାଡେମୀ ସୁନାଖଲା ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ପ୍ରଥମାର୍ଦ୍ଧର ୬ମିନିଟରେ ଆର.କେ. ଏକାଡେମୀର ୧୧ନଂ ଖେଳାଳି ନାଦଲ ରାଉତ ପ୍ରଥମ ଗୋଲସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ଖେଳ ଶେଷ ପର୍ଯ୍ୟନ୍ତ ଚାନ୍ଦ କ୍ଲବ କୌଣସି ଗୋଲସ୍କୋର କରିବାକୁ ସକ୍ଷମ ନ ହୋଇ ୨-୦ଗୋଲରେ ମ୍ୟାଚ ହାରିଯାଇଥିଲା। ମ୍ୟାଚରେ ମୁଖ୍ୟ ଅତିଥିଭାବେ ମହମ୍ମଦ ଇସିହାକ ଓ ସମ୍ମାନିତ ଅତିଥି କଟକ ଜିଲା ଜମାତ ଅହମ୍ମଦିୟା ସଭାପତି ପ୍ରଫେସର ଅବଦୁଲ ଇସମାଇଲ ଖାଁ ଓ ଗ୍ରାମ୍ୟ କମିଟି ଉପସଭାପତି ସେ.କ ମହିମୁଦ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ସଞ୍ଜୀବ ଦାସ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ରଜାକ ଖାଁ ଓ ସଫିକୁଲ ଖାଁ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ସେକ ଅନିଲ ଦାୟିତ୍ୱ ନିର୍ବାହ କରିଥିଲେ। ସୋମବାର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ ବାପୁଜୀ କ୍ଲବ ଶଙ୍ଖାମାରି(ବଡ଼ମ୍ବା) ସହିତ ୟୁଥ୍‌କ୍ଲବ କରଡ଼ାପଲ୍ଲୀ (ଟିଗିରିଆ) ମଧ୍ୟରେ ଅନୁଷ୍ଠିତ ହେବ।

# କରୋନା ଭୟରେ ଅନ୍ତେବାସୀ ଆତଙ୍କିତ

**ରେଭେନ୍‌ସା ବିଶ୍ୱବିଦ୍ୟାଳୟ**
- ପରୀକ୍ଷା ଚାଲିଛି, ବନ୍ଦ ହୋଇନି ହଷ୍ଟେଲ
- ହାତ ଧୋଇବା, ମାସ୍କ ଲଗାଇବା ପାଇଁ ପରାମର୍ଶ

କଟକ ଅଫିସ, ୧୫।୩ କରୋନାକୁ ନେଇ ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ ଥିବା ବିଭିନ୍ନ ହଷ୍ଟେଲର ଅନ୍ତେବାସୀ ଆତଙ୍କିତ ହୋଇପଡିଛନ୍ତି। କାରଣ ବିଶ୍ୱବିଦ୍ୟାଳୟରେ କେତେକ ବିଭାଗର ପରୀକ୍ଷା ଚାଲିଥିବାବେଳେ ଆଉ କେତେକ ବିଭାଗରେ ଆଗାମୀ ଦିନରେ ପରୀକ୍ଷା ହେବ। ଏଥିଯୋଗୁ ସେମାନେ ହଷ୍ଟେଲ୍ ଛାଡି ପାରୁନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୩ଟି ହଷ୍ଟେଲ୍‌ରେ ୪ ହଜାରରୁ ଅଧିକ ଛାତ୍ରୀଛାତ୍ର ରହୁଛନ୍ତି। ସରକାରଙ୍କ ନିର୍ଦ୍ଦେଶକୁ ମାନି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାଠପଢା ବନ୍ଦ କରିଥିବାବେଳେ ହଷ୍ଟେଲ୍ ବନ୍ଦ ଦିଗରେ ଘୋଷଣା କରିନାହାନ୍ତି। ଫଳରେ ସମସ୍ତ ହଷ୍ଟେଲ ଏବେ ଖୋଲା ରହିଛି। କରୋନା ମୁକାବିଲା ପାଇଁ ସଚେତନତା ଓ ଗୋଟିଏ ଜାଗାରେ ଭିଡ ସୃଷ୍ଟି ନ କରିବାକୁ କୁହାଯାଉଛି। ହେଲେ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ହଷ୍ଟେଲ୍‌ରେ ୨ଶହରୁ ୪ଶହ ପର୍ଯ୍ୟନ୍ତ ଅନ୍ତେବାସୀ ରହୁଥିବାବେଳେ କରୋନାକୁ ନେଇ ସେମାନଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ହଷ୍ଟେଲ୍ ପରିସର ନିୟମିତ ସଫା କରାଯାଉନାହିଁ କି ଅନ୍ତେବାସୀମାନେ ହାତ ଧୋଇବା ପାଇଁ ସାନିଟାଇଜର୍ ସବୁ ହଷ୍ଟେଲ୍‌ରେ ଉପଲବ୍ଧ ନାହିଁ। ଏ ସମ୍ପର୍କରେ ଛାତ୍ରୀ ନିହାରିକା ସାମଲ କହିଛନ୍ତି, ପରୀକ୍ଷା ଥିବାରୁ ହଷ୍ଟେଲ ବନ୍ଦ କରାଯାଇନାହିଁ। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ହଷ୍ଟେଲ ପରିଦର୍ଶନ କରିଥିଲେ। ଅନ୍ତେବାସୀମାନଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ଛାତ୍ର ମନୋଜ ମହାନ୍ତି କହିଛନ୍ତି, କରୋନା ଭୂତାଣୁକୁ ନେଇ ମନରେ ଭୟ ସୃଷ୍ଟି ହୋଇଛି। ମୋର ଏବେ ପରୀକ୍ଷା ଚାଲିଛି। ସରକାର ଜନଗହଳି ସ୍ଥାନକୁ ଯିବାକୁ ବାରଣ କରିଛନ୍ତି। ହେଲେ ହଷ୍ଟେଲ କ୍ୟାଣ୍ଟିନରେ ଖାଇବା ପାଇଁ ଅନେକ ସମୟରେ ଭିଡ ରହୁଛି। ସେଥିପାଇଁ ସତର୍କ ରହିବାକୁ ପଡୁଛି। ଏ ସମ୍ପର୍କରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଚିଫ୍ ୱାର୍ଡେନ୍ ଡ. କିଶୋର କୁମାର ଦାସ କହିଛନ୍ତି, ବିଶ୍ୱବିଦ୍ୟାଳୟର ମେଡିକାଲ ଅଫିସର ଡା. ଅମରେଶ ମିଶ୍ର ସମସ୍ତ ହଷ୍ଟେଲର ଅନ୍ତେବାସୀଙ୍କୁ କରୋନା ଭୂତାଣୁ ବ୍ୟାପିବାର କାରଣ ଏବଂ ନିରାକରଣ ପାଇଁ ସଚେତନ କରିଥିଲେ। ଏଥିସହ ସାବୁନରେ ହାତଧୋଇବା ଓ ମୁହଁରେ ମାସ୍କ ଲଗାଇବା ପାଇଁ ଅନ୍ତେବାସୀମାନଙ୍କୁ ପରାମର୍ଶ ଦିଆଯାଇଛି।

## 'ଥାନାକୁ ଆସିଲେ ହାତ ଧୁଅନ୍ତୁ'

କଟକ ଅଫିସ,୧୫।୩ ଥାନା ପ୍ରବେଶ ପଥରେ ରହିଛି ଏକ ସାନିଟାଇଜର୍ ଆଉ ପାଣି ବାଲ୍ଟି। ଥାନାଧିକାରୀ, କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଭିଯୋଗକାରୀ ଆସିଲେ ବି ହାତ ଧୋଇ ଥାନା ଭିତରକୁ ପଶିବାକୁ ବାଧ୍ୟ। କରୋନା ଭୂତାଣୁ ସଂକ୍ରମଣକୁ ନେଇ ବାଦାମବାଡି ଥାନାରେ ଏଭଳି ଏକ ଦୃଷ୍ଟାନ୍ତକାରୀ ପଦକ୍ଷେପ ନିଆଯାଇଛି। ଯାହାକୁ ନେଇ ରବିବାର ସହରରେ ବେଶ୍ ଚର୍ଚ୍ଚା ହୋଇଛି। ଥାନାର ଜଣେ କର୍ମଚାରୀ ଏହି ଫଟୋକୁ ସୋସିଆଲ ମିଡିଆରେ ଅପଲୋଡ କରିବା ପରେ ଏବେ ଏହା ଭାଇରାଲ ହେବାରେ ଲାଗିଛି। ଏ ନେଇ ବାଦାମବାଡି ଥାନାଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କୁହନ୍ତି, ବାଦାମବାଡିକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ବସ୍ ଆସୁଛି। ଫଳରେ ରାଜ୍ୟ ଓ ରାଜ୍ୟ ବାହାରର ଲୋକଙ୍କ ସମାଗମ ଏଠାରେ ହେଉଛି। ଏଣୁ ଏକ ସଚେତନତାମୂଳକ ବାର୍ତ୍ତା ଭାବେ ଏଭଳି ପଦକ୍ଷେପ ନିଆଯାଇଛି।

# ଆଧାର ନମ୍ବର ନ ଥିବାରୁ ୩୨୮ ଜଣଙ୍କ ଭତ୍ତା ବନ୍ଦ

କଟକ ସଦର,୧୫।୩(ଡି.ଏନ.ଏ) ଜନସେବା ଦିବସ ଅବସରରେ ରବିବାର କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟାଯାଇଥିଲା। ଭତ୍ତା ଆକାଉଣ୍ଟ ସହ ଆଧାର ନମ୍ବର ସଂଯୋଗ ହୋଇ ନ ଥିବାରୁ ୩୨୮ଜଣ ବରିଷ୍ଠ ନାଗରିକ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ଭତ୍ତାଧାରୀଙ୍କ ଆଧାର ନମ୍ବର ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିବାରୁ ବ୍ଲକ ପ୍ରଶାସନ ଏଭଳି କଠୋର ନିଷ୍ପତ୍ତି ନେଇଥିବା ଜଣେ ବ୍ଲକର ବରିଷ୍ଠ ଅଧିକାରୀ କହିଛନ୍ତି। ଅପରପକ୍ଷେ ପରମହଂସ ପଞ୍ଚାୟତରେ ଜଣେ ୮୫ବର୍ଷର ଭତ୍ତାଧାରୀ ଭାନି ରାଉତ କୁହନ୍ତି, ୩ଥର ଆଧାର ପାଇଁ ଫଟୋ ଉଠାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଡ ଆସି ନାହିଁ। କାରଣ ସମ୍ପୃକ୍ତ ବରିଷ୍ଠ ନାଗରିକ ଜଣକ ବ୍ଲକ କାର୍ଯ୍ୟାଳୟ ଆଧାର କେନ୍ଦ୍ରରେ ବାୟୋମେଟ୍ରିକ ଛାପା ସହ ଫଟୋ ଉଠାଇଥିଲେ। ମାତ୍ର ଆଧାର କାର୍ଡ ପ୍ରସ୍ତୁତି କେନ୍ଦ୍ରରେ ତାହା ଅଗ୍ରାହ୍ୟ ହୋଇଯାଇଛି। ୭୦ବର୍ଷର ବରିଷ୍ଠ ନାଗରିକମାନଙ୍କର ଅଙ୍ଗୁଳି ଛାପ କମ୍ପ୍ୟୁଟରେ ସ୍କାନିଂରେ ଦେଖାଯାଉ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଅନ୍ୟଜଣେ ବରିଷ୍ଠ ନାଗରିକ ସୁନ୍ଦରୀ ବେହେରା କୁହନ୍ତି। ଏହି ପରିସ୍ଥିତିରେ ସମାଧାନ ପାଇଁ ବ୍ଲକ ପ୍ରଶାସନ କୌଣସି ସମାଧାନର ବାଟ ବାହାର କରିବା ପାଇଁ ବରିଷ୍ଠ ନାଗରିକ ପକ୍ଷରୁ ଦାବି ହୋଇଛି। କୁଷ୍ଠ ରୋଗୀମାନଙ୍କୁ ଯେପରି ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉଛି ସେହି ଢଙ୍ଗରେ ଭତ୍ତା ପ୍ରଦାନ ପାଇଁ ପରମହଂସ ପଞ୍ଚାୟତର ସରପଞ୍ଚ ମିନତି ବେହେରା କହିଛନ୍ତି।

# ୨.୪ ଲକ୍ଷ ଜବତ: ଅଭିଯୁକ୍ତ ଗିରଫ





ଜବତ ମୋବାଇଲ, ଟଙ୍କା ଓ ଗିରଫ ଅଭିଯୁକ୍ତ।

**କାର କାଚ ଭାଙ୍ଗି ଟଙ୍କାବ୍ୟାଗ ଲୁଟି ନେଇଥିଲେ**

କଟକ ଅଫିସ,୧୫।୩ ଲୁଟ୍ ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅଧୀନ ପକ୍କାପାଲ୍ଲୀ ଅଞ୍ଚଳର ଏମ୍. ରାଇଡୁ ଓରଫ ଲକି(୧୯)। ପୋଲିସ ତାଙ୍କ ପାଖରୁ ୨ଲକ୍ଷ ୪୦ ହଜାର ଟଙ୍କା, ଦୁଇଟି ମୋବାଇଲ ଏବଂ କାଚକଟା ଯନ୍ତ୍ରପାତି ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଚାଉଳିଆଗଞ୍ଜ କହ୍ନେଇପୁରର ପ୍ରଶାନ୍ତ କୁମାର ସେନାପତିଙ୍କ ସାଇରାମ ସିକ୍ୟୁରିଟି ଏଜେନ୍ସି ନାମରେ ଏକ ସଂସ୍ଥା ଅଛି। ଉକ୍ତ ସଂସ୍ଥା ନାମରେ ମହାନଦୀ ବିହାରର ଏକ ଘରୋଇ ବ୍ୟାଙ୍କରେ ସେ ଜମାଖାତା ଖୋଲିଛନ୍ତି। ଗତ ୨୮ ତାରିଖରେ ଉକ୍ତ ସଂସ୍ଥାର ସୁରେଶ ନାୟକ ନାମକ କର୍ମଚାରୀଙ୍କୁ ପ୍ରଶାନ୍ତ ଟଙ୍କା ଉଠାଇବାକୁ ବ୍ୟାଙ୍କକୁ ପଠାଇଥିଲେ। ସୁରେଶ ୬ ଲକ୍ଷ ୮ ହଜାର ଟଙ୍କା ବ୍ୟାଙ୍କରୁ ଉଠାଇ ପ୍ରଶାନ୍ତଙ୍କୁ ଦେଇଥିଲେ। ସେଥିମଧ୍ୟରୁ ପ୍ରଶାନ୍ତ ଏକ ବ୍ୟାଗରେ ୪ଲକ୍ଷ ଟଙ୍କା ନେଇ କାର୍‌ରେ ଯିବାବେଳେ ଅବଶିଷ୍ଟ ଟଙ୍କା ଅଫିସକୁ ନେଇଯିବାକୁ ତାଙ୍କୁ କହିଥିଲେ। ପରେ ପ୍ରଶାନ୍ତ ମହାନଦୀବିହାରର ସେଲିବ୍ରେସନ ମଣ୍ଡପ ନିକଟରେ କାର ପାର୍କିଂ କରିଥିଲେ। ଏହି ସମୟରେ ତାଙ୍କର ଦଶ ଟଙ୍କା ପଡିଯାଇଥିବା ନେଇ ଜଣେ ଯୁବକ କହିଥିଲେ। ପ୍ରଶାନ୍ତ ଉକ୍ତ ଟଙ୍କା ତଳୁ ଉଠାଇବାବେଳେ ଯୁବକ ଜଣକ ତାଙ୍କ କାର କାଚ ଭାଙ୍ଗି ଟଙ୍କା ବ୍ୟାଗକୁ ନେଇ ପଳାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭୮/୨୦) ରୁଜୁ କରିଥିଲା। ପ୍ରତ୍ୟେକ୍ଷ୍ୟଦର୍ଶୀଙ୍କ ବୟାନ ଓ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ଥାନା ଅଧିକାରୀ ତାପସ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ଆସ୍କା ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଯୁବକଙ୍କୁ ଆକ୍ରମଣ

ନିମାପଡ଼ା,୧୫।୩(ଡି.ଏନ.ଏ) ନିମାପଡ଼ା ଥାନା ଭିଲିଦେଉଳି ଗ୍ରାମରେ ସବର୍ଣ୍ଣ ଓ ଦଳିତ ବର୍ଗର ବ୍ୟକ୍ତିଙ୍କ ମଧ୍ୟରେ ଦୀର୍ଘଦିନ ଧରି ଲାଗିରହିଥିବା ଶତ୍ରୁତାକୁ କେନ୍ଦ୍ର କରି ଶନିବାର ଦୁଇ ଦଳିତ ଯୁବକଙ୍କୁ ଆକମ୍ରଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ୧୧ ସବର୍ଣ୍ଣ ବର୍ଗର ବ୍ୟକ୍ତିଙ୍କ ନାମରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୭/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କିଛିଦିନ ହେବ ଏହି ଗ୍ରାମରେ ଦଳିତ ଓ ସବର୍ଣ୍ଣ ବର୍ଗର ବ୍ୟକ୍ତିଙ୍କ ମଧ୍ୟରେ ମନ୍ଦିର ପ୍ରବେଶକୁ ନେଇ ଗଣ୍ଡଗୋଳ ହୋଇଥିଲା। ତେବେ ଶନିବାର ଦଳିତ ସାହିର ଅଶ୍ୱିନୀ ବେହେରା ଓ ତାଙ୍କ ସମ୍ପର୍କୀୟ ଭାଇ ଦୀପକ ବାଇକ୍‌ରେ ଘରକୁ ଫେରୁଥିବାବେଳେ ସବର୍ଣ୍ଣ ସାହି ମଝିରେ ୫୦ଜଣ ବ୍ୟକ୍ତି ସଂଘବଦ୍ଧ ହୋଇ ଗାଡ଼ି ଅଟକାଇଥିଲେ। ପରେ ଗାଡ଼ିରୁ ଚାବି ନେଇଯିବା ସହ ଅତର୍କିତ ଭାବେ ଦୁଇ ଭାଇଙ୍କୁ ଆକ୍ରମଣ କରିଥିଲେ।

# 'ସଙ୍କୀର୍ତ୍ତନ ଆଧାତ୍ମିକ ଚେତନା ବୃଦ୍ଧିରେ ସହାୟକ ହୋଇଥାଏ'

**ରାଧାଗୋବିନ୍ଦ ସଙ୍କୀର୍ତ୍ତନ ମହାମଣ୍ଡଳର ମହାସମାବେଶ**



ସମାବେଶରେ ଯୋଗ ଦେଇଥିବା ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ।

ଆଠଗଡ଼,୧୫।୩(ସ୍ୱ.ପ୍ର.) ଆଠଗଡ଼ ବ୍ଲକ ଅଧୀନ ଶ୍ରୀରାଧାଗୋବିନ୍ଦ ଓଡ଼ିଶୀ ସଂକୀର୍ତ୍ତନ ମହାମଣ୍ଡଳର ବାର୍ଷିକ ମହାସମାବେଶ ପଞ୍ଚଦୋଳ ଯାତ୍ରା ଅବସରରେ ଝୁଲଣ ପଡ଼ିଆଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମହାମଣ୍ଡଳ ମୁଖ୍ୟ ଅଧିକାରୀ ଅଜୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ଆଠଗଡ଼ ଓ ଉତ୍ତର ବାଙ୍କୀ ଅଞ୍ଚଳର ୩୬ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। ମୁଖ୍ୟଅତିଥିଭାବେ ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତି ଯୋଗଦେଇ ସଙ୍କୀର୍ତ୍ତନ ଭଳି ଲୋକକଳା ଗ୍ରାମାଞ୍ଚଳରେ ଶାନ୍ତି, ସୌହାଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ସହ ସାଧାରଣ ଲୋକଙ୍କ ମଧ୍ୟରେ ଆଧାତ୍ମିକ ଚେତନା ବୃଦ୍ଧି ଦିଗରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଆଠଗଡ଼ ତହସିଲଦାର ତପନ ଖୁଣ୍ଟିଆ, ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ, ଯୁବ ସଂଗଠକ ଲକ୍ଷ୍ମୀନାରାୟଣ ଭଞ୍ଜ, ଆଇନଜୀବୀ ଯଶୋବନ୍ତ ବାରିକ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମହାମଣ୍ଡଳ ସମ୍ପାଦକ ସୁଧାକର ରାଉତ, ଉପସଭାପତି ଗଜେନ୍ଦ୍ର ମନ୍ତ୍ରୀ, କୋଷାଧ୍ୟକ୍ଷ ରସାନନ୍ଦ ପାତ୍ର, ସଭ୍ୟପ୍ରତିନିଧି ପ୍ରେମାନନ୍ଦ ବରାଳ ଓ ବିପିନ ବେଉରା ପ୍ରମୁଖ ସେମାନଙ୍କ ବକ୍ତବ୍ୟ ରଖି ସଙ୍କୀର୍ତ୍ତନ ମଣ୍ଡଳୀଗୁଡ଼ିକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବତାରଣା କରିଥିଲେ। ମହାମଣ୍ଡଳ ମୁଖ୍ୟ ଅଧିକାରୀ ଦାସ ତାଙ୍କ ବକ୍ତବ୍ୟରେ ଏହି ପାରମ୍ପାରିକ ଲୋକକଳା ଆଧାତ୍ମିକ ବାତାବରଣ ସୃଷ୍ଟି କରୁଛି। ତେଣୁ ଏହାକୁ ବଞ୍ଚାଇ ରଖିବା ଲାଗି ରାଧାଗୋବିନ୍ଦ ସଂକୀର୍ତ୍ତନ ମହାମଣ୍ଡଳ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛି ବୋଲି କହିବା ସହ ଧନ୍ୟବାଦ ଦେଇଥିଲେ।

# ଗଡ଼ମା ଅତିରିକ୍ତ ଉପଡାକଘରୁ ମିଳୁନି ସେବା

**ଆସ୍ଥା ହରାଉଛନ୍ତି ଲୋକେ**

ରଘୁନାଥପୁର, ୧୫। ୩ (ଡି.ଏନ.ଏ.) ରଘୁନାଥପୁର ଶାଖା ଡାକଘର ଅଧୀନରେ ଥିବା ଗଡ଼ମା ଅତିରିକ୍ତ ଉପଡାକଘରୁ ସେବା ନ ପାଇ ଆସ୍ଥା ହରାଉଛନ୍ତି ଲୋକେ। ଫଳରେ ବ୍ରିଟିଶ ଅମଳରୁ ସ୍ୱାଧୀନ ଭାବେ କାମ କରିଆସୁଥିବା ଉକ୍ତ ଡାକଘରଟି ଏକପ୍ରକାର ଅଚଳାବସ୍ଥାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ପକ୍ଷରୁ ଅଭିଯୋଗ ହେଉଛି।

ଉକ୍ତ ଡାକଘରଟି ପୂର୍ବରୁ ସ୍ୱତନ୍ତ୍ର ଭାବେ ମାନୁଆଲ କାମ କରି ଆସୁଥିଲା। ୪ ମାସ ତଳେ ଏହା ରଘୁନାଥପୁର ଉପଡାକଘର ଅଧୀନରେ କାର୍ଯ୍ୟ କରୁଛି। ଏଠାରେ ଥିବା ପୋଷ୍ଟାଲ କର୍ମଚାରୀଙ୍କ ବଦଳି ପରେ ରଘୁନାଥପୁର ଉପଡାକଘରୁ ଡେପୁଟେଶନରେ ଜଣେ କର୍ମଚାରୀ ଏଠାକୁ ପଠାଯାଇଛି। ତେବେ ଏଠାରେ ଥିବା ସହସ୍ରାଧିକ ଜମାଖାତା, ଏସବି, ଆରଡି, ସୁକନ୍ୟା ସମୃଦ୍ଧି, ସାର୍ଟିଫକେଟ, କିଷାନ ବିକାଶ ପତ୍ର, ଏନ୍‌ଏସସି ଆଦି କେତେକ କାଗଜପତ୍ର ଅପଟୁଡେଟ ହେବାକୁ ରଘୁନାଥପୁର ପଠାଯାଇଛି। ସେସବୁ ଉପଯୁକ୍ତ ସମୟରେ ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଜମାଖାତାଗୁଡିକ ଅପଟୁଡେଟ ପାଇଁ ଜଗତ୍‌ସିଂହପୁର ପୋଷ୍ଟ ଅଫିସରେ ପଡି ରହିଥିବାରୁ ଜମାଖାତାଧାରୀମାନେ ଦରକାର ସମୟରେ ପୋଷ୍ଟ ଅଫିସରୁ ଟଙ୍କା ଉଠାଇ ପାରୁ ନ ଥିବାର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ସିଂହ ଓ ଆଇନଜୀବୀ ଜିତେନ୍ଦ୍ର କୁମାର ବେହେରା କହିଛନ୍ତି। ସଞ୍ଚୟ ଜମା ଅର୍ଥ ଉପଯୁକ୍ତ ସମୟରେ ସ୍ୱାସ୍ଥ୍ୟ ସମସ୍ୟା, ଝିଅ ବାହାଘର ତଥା ବିଭିନ୍ନ କାର୍ଯ୍ୟ ଲାଗି ପାରୁ ନ ଥିବାରୁ ଅତିରିକ୍ତ ଉପଡାକଘର ଉପରୁ ସ୍ଥାନୀୟ ୫ଟି ପଞ୍ଚାୟତ ଜନସାଧାରଣଙ୍କ ଭରସା ତୁଟି ଯାଇଛି। ଅପରପକ୍ଷରେ ଅତିରିକ୍ତ ଉପଡାକଘରଟି ରଘୁନାଥପୁର ଅଧୀନକୁ ଚାଲିଯିବା ପରେ ପିନ୍‌କୋଡ ପରିବର୍ତ୍ତନ ହୋଇଛି। ପୂର୍ବରୁ ଲୋକଙ୍କ ଅଧାରକାର୍ଡରେ ଥିବା ପିନ୍ କୋର୍ଡ ପରିବର୍ତ୍ତନ ପାଇଁ ଲୋକେ ଖର୍ଚ୍ଚାନ୍ତ ହୋଇ ସମସ୍ୟା ଭୋଗୁଛନ୍ତି। ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ପୋଷ୍ଟଲ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ କଟକ ସାଉଥ ଡିଭିଜନ ଗଜେନ୍ଦ୍ର ପ୍ରସାଦ କରଙ୍କୁ ପଚାରିବାରେ ଭାରତବର୍ଷର ସବୁଠାରେ ବ୍ରାଞ୍ଚ ଅଫିସ ଭାବେ ଡାକଘର କାର୍ଯ୍ୟ କରୁଛି। ଉକ୍ତ ଡାକଘରଟି ଏକ୍ସଟ୍ରା ଡିପାର୍ଟମେଣ୍ଟ ସବ୍ ଅଫିସ ଭାବେ କାର୍ଯ୍ୟ କରୁଥିଲା। ଏହା ଉପରେ ହାଇକୋର୍ଟରେ ଏକ କେସ ଥିଲା। ବର୍ତ୍ତମାନ ଏହା ରଘୁନାଥପୁର ଅଧୀନକୁ ଯିବା ପରେ ମାନୁଆଲି ଅପରେଟ ହୋଇଥିବା ବିଭାଗୀୟ ସମସ୍ତ ଜମା ବହି ଓ ଅନ୍ୟ କାଗଜପତ୍ର ଅନଲାଇନ୍‌ରେ ଅପଟୁଡେଟ କରିବାକୁ ସମସ୍ୟା ସୃଷ୍ଟି କରୁଛି। ଏହା ସମୟ ସାପେକ୍ଷ ଏବଂ କୌଣସି ବ୍ୟକ୍ତି ଏଥିପାଇଁ ସମସ୍ୟାର ପଠୁଥିଲେ। ତେବେ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରାଯାଉଥିବା ମତ ରଖିଥିଲେ।



ରାଗିବା ପୂର୍ବରୁ ହଠାତ ସ୍ଥିର ହୋଇଯାଅ। ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।

- କନ୍‌ଫୁସିୟସ୍



## ସଂକ୍ଷେପରେ

### 'ଥାନାକୁ ଆସିଲେ ହାତ ଧୁଅନ୍ତୁ'

**କଟକ ଅଫିସ,୧୫।୩:** ଥାନା ପ୍ରବେଶ ପଥରେ ରହିଛି ଏକ ସାନିଟାଇଜର୍ ଆଉ ପାଣି ବାଲ୍ଟି। ଥାନାଧିକାରୀ, କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଭିଯୋଗକାରୀ ଆସିଲେ ବି ହାତ ଧୋଇ ଥାନା ଭିତରକୁ ପଶିବାକୁ ବାଧ। କରୋନା ଭୂତାଣୁ ସଂକ୍ରମଣକୁ ନେଇ ବାଦାମବାଡି ଥାନାରେ ଏଭଳି ଏକ ଦୃଷ୍ଟାନ୍ତକାରୀ ପଦକ୍ଷେପ ନିଆଯାଇଛି। ଯାହାକୁ ନେଇ ରବିବାର ସହରରେ ବେଶ୍ ଚର୍ଚ୍ଚା ହୋଇଛି। ଥାନାର ଜଣେ କର୍ମଚାରୀ ଏହି ଫଟୋକୁ ସୋସିଆଲ ମିଡିଆରେ ଅପଲୋଡ କରିବା ପରେ ଏବେ ଏହା ଭାଇରାଲ ହେବାରେ ଲାଗିଛି। ଏ ନେଇ ବାଦାମବାଡି ଥାନାଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କୁହନ୍ତି, ବାଦାମବାଡିକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ବସ୍ ଆସୁଛି। ଫଳରେ ରାଜ୍ୟ ଓ ରାଜ୍ୟ ବାହାରର ଲୋକଙ୍କ ସମାଗମ ଏଠାରେ ହେଉଛି। ଏଣୁ ଏକ ସଚେନତାମୂଳକ ବାର୍ତ୍ତା ଭାବେ ଏଭଳି ପଦକ୍ଷେପ ନିଆଯାଇଛି।

### ପୂର୍ବତନ ସମ୍ପାଦକଙ୍କ ଜନ୍ମଦିନ ପାଳନ

**କଟକ ଅଫିସ୍,୧୫।୩:** ସମ୍ବାଦପତ୍ର ବିକ୍ରେତା ସଂଘର ପୂର୍ବତନ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଦାଶଙ୍କ ୮୦ତମ ଜନ୍ମଦିବସ ରବିବାର ପାଳିତ କରାଯାଇଛି। ଜଗନ୍ନାଥ ସାହିସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ଜନ୍ମଦିନ ପାଳନ କାର୍ଯ୍ୟକ୍ରମରେ ସଂଘ ଉପସଭାପତି ଶ୍ରୀନିବାସ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତି, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ ଉପସ୍ଥିତ ଥିଲେ।

### ଅନନ୍ତ କୁମାରୀ ଦେବୀଙ୍କ ଯଜ୍ଞୋତ୍ସବ

**କଟକ ସଦର,୧୫।୩(ଡି.ଏନ.ଏ):** କଟକ ସଦର ବ୍ଲକ ଅନ୍ତର୍ଗତ ମହୁରାସ୍ଥିତ ମା' ଅନନ୍ତ କୁମାର ଦେବୀଙ୍କ ପୀଠରେ ଯଜ୍ଞୋତ୍ସବ ରବିବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଉତ୍ସବ ୧୭ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରଘୁନାଥପୁର, ବମ୍ଫୁରୀ ଓ ମହୁରା ଗ୍ରାମବାସୀ ଜଣାଇଛନ୍ତି। ଏହାସହ ଗୀତାଯଜ୍ଞ ମଧ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡିଛି।

### ପୂର୍ବ ଶତ୍ରୁତାକୁ ନେଇ ଦଳିତ ଯୁବକଙ୍କୁ ଆକ୍ରମଣ

**ନିମାପଡ଼ା,୧୫।୩(ଡି.ଏନ.ଏ):** ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଗ୍ରାମରେ ସବର୍ଣ୍ଣ ଓ ଦଳିତ ବର୍ଗର ବ୍ୟକ୍ତିମାନଙ୍କ ମଧରେ ଦୀର୍ଘଦିନ ଧରି ଲାଗିରହିଥିବା ଶତ୍ରୁତାକୁ କେନ୍ଦ୍ର କରି ଶନିବାର ଦୁଇ ଦଳିତ ଯୁବକଙ୍କୁ ଆକମ୍ରଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ୧୧ଜଣ ସବର୍ଣ୍ଣ ବର୍ଗର ବ୍ୟକ୍ତିଙ୍କ ନାମରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକ୍ରମେ ନଂ.୨୭/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ ଏହି ଗ୍ରାମରେ ଦଳିତ ଓ ସବର୍ଣ୍ଣ ବର୍ଗର ବ୍ୟକ୍ତିଙ୍କ ମଧରେ ଗ୍ରାର ମନ୍ଦିର ପ୍ରବେଶକୁ ନେଇ ଗଣ୍ଡଗୋଳ ହୋଇଥିଲା। ତେବେ ଶନିବାର ଦଳିତ ସାହିର ଅଶ୍ୱିନୀ ବେହେରା ଓ ତାଙ୍କ ସମ୍ପର୍କୀୟ ଭାଇ ଦୀପକ ବେହେରା ଏକ ବାଇକ୍‌ରେ ଘରକୁ ଫେରୁଥିବାବେଳେ ସବର୍ଣ୍ଣ ସାହି ମଝିରେ ୫୦ଜଣ ବ୍ୟକ୍ତି ସଂଘବଦ୍ଧ ହୋଇ ଗାଡ଼ି ଅଟକାଇଥିଲେ। ପରେ ଗାଡ଼ିରୁ ଚାବି ନେଇଯିବା ସହ ଅତର୍କିତ ଭାବେ ଦୁଇ ଭାଇଙ୍କୁ ଆକ୍ରମଣ କରିଥିଲେ। ପରେ ଆହତ ଦୁଇଭାଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହୋଇ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଗଣ୍ଡଗୋଳ ଆଶଙ୍କା ନେଇ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# କରୋନା ଭୟରେ ଅନ୍ତେବାସୀ ଆତଙ୍କିତ

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**




- ପରୀକ୍ଷା ଚାଲିଛି, ବନ୍ଦ ହୋଇନି ହଷ୍ଟେଲ
- ହାତ ଧୋଇବା, ମାସ୍କ ଲଗାଇବା ପାଇଁ ପରାମର୍ଶ

କଟକ ଅଫିସ,୧୫।୩

କରୋନାକୁ ନେଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଥିବା ବିଭିନ୍ନ ହଷ୍ଟେଲର ଅନ୍ତେବାସୀ ଆତଙ୍କିତ ହୋଇପଡିଛନ୍ତି। କାରଣ ବିଶ୍ୱବିଦ୍ୟାଳୟରେ କେତେକ ବିଭାଗର ପରୀକ୍ଷା ଚାଲିଥିବାବେଳେ ଆଉ କେତେକ ବିଭାଗରେ ଆଗାମୀ ଦିନରେ ପରୀକ୍ଷା ହେବ। ଏଥିଯୋଗୁ ସେମାନେ ହଷ୍ଟେଲ୍ ଛାଡି ପାରୁନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୩ଟି ହଷ୍ଟେଲ୍‌ରେ ୪ ହଜାରରୁ ଅଧିକ ଛାତ୍ରୀଛାତ୍ର ରହୁଛନ୍ତି। ସରକାରଙ୍କ ନିର୍ଦ୍ଦେଶକୁ ମାନି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାଠପଢା ବନ୍ଦ କରିଥିବାବେଳେ ହଷ୍ଟେଲ୍ ବନ୍ଦ ଦିଗରେ ଘୋଷଣା କରିନାହାନ୍ତି। ଫଳରେ ସମସ୍ତ ହଷ୍ଟେଲ ଏବେ ଖୋଲା ରହିଛି। କରୋନା ମୁକାବିଲା ପାଇଁ ସଚେତନତା ଓ ଗୋଟିଏ ଜାଗାରେ ଭିଡ ସୃଷ୍ଟି ନ କରିବାକୁ କୁହାଯାଉଛି। ହେଲେ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ହଷ୍ଟେଲ୍‌ରେ ୨ଶହରୁ ୪ଶହ ପର୍ଯ୍ୟନ୍ତ ଅନ୍ତେବାସୀ ରହୁଥିବାବେଳେ କରୋନାକୁ ନେଇ ସେମାନଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ହଷ୍ଟେଲ୍ ପରିସର ନିୟମିତ ସଫା କରାଯାଉନାହିଁ କି ଅନ୍ତେବାସୀମାନେ ହାତ ଧୋଇବା ପାଇଁ ସାନିଟାଇଜର୍ ସବୁ ହଷ୍ଟେଲ୍‌ରେ ଉପଲବ୍ଧ ନାହିଁ। ଏ ସମ୍ପର୍କରେ ଛାତ୍ରୀ ନିହାରିକା ସାମଲ କହିଛନ୍ତି, ପରୀକ୍ଷା ଥିବାରୁ ହଷ୍ଟେଲ ବନ୍ଦ କରାଯାଇନାହିଁ। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ହଷ୍ଟେଲ ପରିଦର୍ଶନ କରିଥିଲେ। ଅନ୍ତେବାସୀମାନଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ଛାତ୍ର ମନୋଜ ମହାନ୍ତି କହିଛନ୍ତି, କରୋନା ଭୂତାଣୁକୁ ନେଇ ମନରେ ଭୟ ସୃଷ୍ଟି ହୋଇଛି। ମୋର ଏବେ ପରୀକ୍ଷା ଚାଲିଛି। ସରକାର ଜନଗହଳି ସ୍ଥାନକୁ ଯିବାକୁ ବାରଣ କରିଛନ୍ତି। ହେଲେ ହଷ୍ଟେଲ କ୍ୟାଣ୍ଟିନରେ ଖାଇବା ପାଇଁ ଅନେକ ସମୟରେ ଭିଡ ରହୁଛି। ସେଥିପାଇଁ ସତର୍କ ରହିବାକୁ ପଡୁଛି। ଏ ସମ୍ପର୍କରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଚିଫ୍ ୱାଡେନ୍ ଡ. କିଶୋର କୁମାର ଦାସ କହିଛନ୍ତି, ବିଶ୍ୱବିଦ୍ୟାଳୟର ମେଡିକାଲ ଅଫିସର ଡା. ଅମରେଶ ମିଶ୍ର ସମସ୍ତ ହଷ୍ଟେଲର ଅନ୍ତେବାସୀଙ୍କୁ କରୋନା ଭୂତାଣୁ ବ୍ୟାପିବାର କାରଣ ଏବଂ ନିରାକରଣ ପାଇଁ ସଚେତନ କରିଥିଲେ। ଏଥିସହ ସାବୁନରେ ହାତଧୋଇବା ଓ ମୁହଁରେ ମାସ୍କ ଲଗାଇବା ପାଇଁ ଅନ୍ତେବାସୀମାନଙ୍କୁ ପରାମର୍ଶ ଦିଆଯାଇଛି।





**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ ଦୁଆର ଦୁଆର ବୁଲେ,**
**ପୁଅ ଚବିଶି ଏକାଦଶୀ କରେ ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ମା' ପଛେ ଦୁଆର ଦୁଆର ବୁଲୁଥାଉ ପୁଅର କିନ୍ତୁ ଫୁଟାଣି କାହିଁରେ କେତେ! ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ବାହାରେ ବୁଲି ବଡ଼ପଣ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମଲୁ ଖୋଜୁଥିଲା କାକର ପାଣି**
**ବଇଦ ବୋଇଲା ଦେ' ତୋରାଣି ।**

ମନ ଜାଣି ଫଳପ୍ରାପ୍ତି। ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରି ରହିଥାଏ ବା ଆଶା କରିଥାଏ ବେଳେ ବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ। ଆଶାନୁରୂପ ଦ୍ରବ୍ୟ ସହଜରେ ପାଇଯିବା ବା ବିନା ପ୍ରଚେଷ୍ଟାରେ ଇଚ୍ଛା ମୁତାବକ ଜିନିଷ ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ୨.୪ ଲକ୍ଷ ଜବତ: ଅଭିଯୁକ୍ତ ଗିରଫ





ଜବତ ମୋବାଇଲ, ଟଙ୍କା ଓ ଗିରଫ ଅଭିଯୁକ୍ତ।

**କାର କାଚ ଭାଙ୍ଗି ଟଙ୍କାବ୍ୟାଗ ଲୁଟି ନେଇଥିଲେ**

କଟକ ଅଫିସ,୧୫।୩

ଲୁଟ୍ ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅଧୀନ ପଲ୍ଲାପାଲ୍ଲୀ ଅଞ୍ଚଳର ଏମ୍. ରାଇଡୁ ଓରଫ ଲକି(୧୯)। ପୋଲିସ ତାଙ୍କ ପାଖରୁ ୨ଲକ୍ଷ ୪୦ ହଜାର ଟଙ୍କା, ଦୁଇଟି ମୋବାଇଲ ଏବଂ କାଚକଟା ଯନ୍ତ୍ରପାତି ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଚାଉଳିଆଗଞ୍ଜ କହ୍ନେଇପୁରର ପ୍ରଶାନ୍ତ କୁମାର ସେନାପତିଙ୍କ ସାଇରାମ ସିକ୍ୟୁରିଟି ଏଜେନ୍ସି ନାମରେ ଏକ ସଂସ୍ଥା ଅଛି। ଉକ୍ତ ସଂସ୍ଥା ନାମରେ ମହାନଦୀ ବିହାରର ଏକ ଘରୋଇ ବ୍ୟାଙ୍କରେ ସେ ଜମାଖାତା ଖୋଲିଛନ୍ତି। ଗତ ୨୮ ତାରିଖରେ ଉକ୍ତ ସଂସ୍ଥାର ସୁରେଶ ନାୟକ ନାମକ କର୍ମଚାରୀଙ୍କୁ ପ୍ରଶାନ୍ତ ଟଙ୍କା ଉଠାଇବାକୁ ବ୍ୟାଙ୍କକୁ ପଠାଇଥିଲେ। ସୁରେଶ ୬ ଲକ୍ଷ ୮ ହଜାର ଟଙ୍କା ବ୍ୟାଙ୍କରୁ ଉଠାଇ ପ୍ରଶାନ୍ତଙ୍କୁ ଦେଇଥିଲେ। ସେଥିମଧ୍ୟରୁ ପ୍ରଶାନ୍ତ ଏକ ବ୍ୟାଗରେ ୪ଲକ୍ଷ ଟଙ୍କା ନେଇ କାର୍‌ରେ ଯିବାବେଳେ ଅବଶିଷ୍ଟ ଟଙ୍କା ଅଫିସକୁ ନେଇଯିବାକୁ ତାଙ୍କୁ କହିଥିଲେ। ପରେ ପ୍ରଶାନ୍ତ ମହାନଦୀବିହାରର ସେଲିବ୍ରେସନ ମଣ୍ଡପ ନିକଟରେ କାର ପାର୍କିଂ କରିଥିଲେ। ଏହି ସମୟରେ ତାଙ୍କର ଦଶ ଟଙ୍କା ପଡିଯାଇଥିବା ନେଇ ଜଣେ ଯୁବକ କହିଥିଲେ। ପ୍ରଶାନ୍ତ ଉକ୍ତ ଟଙ୍କା ତଳୁ ଉଠାଇବାବେଳେ ଯୁବକ ଜଣକ ତାଙ୍କ କାର କାଚ ଭାଙ୍ଗି ଟଙ୍କା ବ୍ୟାଗକୁ ନେଇ ପଳାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭୮/୨୦) ରୁଜୁ କରିଥିଲା। ପ୍ରତ୍ୟଦର୍ଶୀଙ୍କ ବୟାନ ଓ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ଥାନା ଅଧିକାରୀ ତାପସ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ଆସ୍କା ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ମେଳଣରେ ସାମିଲ ୪୯ ବିମାନ

ଆଠଗଡ଼,୧୫।୩(ସ୍ୱ.ପ୍ର.)

ଆଠଗଡ଼ର ପ୍ରସିଦ୍ଧ ପଞ୍ଚ ଦୋଳଯାତ୍ରା ଏବଂ ହୋଲି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଦୋଳଯାତ୍ରା ଉପଲକ୍ଷେ ଆଠଗଡ଼ ସହର ଉତ୍ସବମୁଖର ହୋଇ ଉଠିଥିଲା। ସହରର ଆଖପାଖ ଯଥା: ଶ୍ରୀଧବଳେଶ୍ୱର, ଶ୍ରୀସର୍ପେଶ୍ୱର ଦେବ ଏବଂ ଗୁରୁଡ଼ିଝାଟିଆ ଅଞ୍ଚଳରୁ ମୋଟ ୪୯ଟି ବିମାନରେ ଠାକୁର ଆସିଥିଲେ। ରାଧାଗୋବିନ୍ଦଜୀଉ ମନ୍ଦିର ସନ୍ନିକଟ ଝୁଲଣ ପଡ଼ିଆରେ ଅସ୍ଥାୟୀ ବାଉଁଶ ଚାଳମାଳ ଉପରେ ବିମାନରୂଢ଼ ଦିଅଙ୍କୁ ବିଶ୍ରାମ ଦିଆଯାଇଥିଲା। ସେଠାରେ ଦେବୋତ୍ତର ବିଭାଗ ପକ୍ଷରୁ ବିମାନବାହୀ ଗୋପାଳ ଭାଇ ଓ ପୂଜକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାତି ୧୧ଟାରେ ଏକ ଶୋଭାଯାତ୍ରାରେ ବିମାନଗୁଡ଼ିକୁ ସହର ପରିକ୍ରମା କରାଯାଇଥିଲା। ସେହିପରି ରବିବାର ଆଠଗଡ଼ର ହୋଲି ଉତ୍ସବ ଅନୁଷ୍ଠିତ ହୋଇଛି। କରୋନା ଭୂତାଣୁ ସଂକ୍ରମଣ ଭୟରେ ବହୁ କମ ସଂଖ୍ୟାରେ ଲୋକେ ରଙ୍ଗ ଖେଳିଥିବା ଦେଖାଯାଇଥିଲା। ଉଭୟ ଉତ୍ସବରେ ଶୃଙ୍ଖଳା ରକ୍ଷା ପାଇଁ ଆଠଗଡ଼ ଡିଏସପି ଆଲୋକ ରଞ୍ଜନ ରାୟ ଓ ଆଇଆଇସି ଜ୍ଞାନରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ବହୁ ପୋଲିସ କର୍ମଚାରୀ ନିୟୋଜିତ ଥିଲେ।

## ଆଧାର ନମ୍ବର ନ ଥିବାରୁ ୩୨୮ଜଣଙ୍କ ଭତ୍ତା ବନ୍ଦ

କଟକ ସଦର,୧୫।୩(ଡି.ଏନ.ଏ)

ଜନସେବା ଦିବସ ଅବସରରେ ରବିବାର କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟାଯାଇଥିଲା। ଭତ୍ତା ଆକାଉଣ୍ଟ ସହ ଆଧାର ନମ୍ବର ସଂଯୋଗ ହୋଇ ନ ଥିବାରୁ ୩୨୮ଜଣ ବରିଷ୍ଠ ନାଗରିକ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ଭତ୍ତାଧାରୀଙ୍କ ଆଧାର ନମ୍ବର ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିବାରୁ ବ୍ଲକ ପ୍ରଶାସନ ଏଭଳି କଠୋର ନିଷ୍ପତ୍ତି ନେଇଥିବା ଜଣେ ବ୍ଲକର ବରିଷ୍ଠ ଅଧିକାରୀ କହିଛନ୍ତି। ଅପରପକ୍ଷେ ପରମହଂସ ପଞ୍ଚାୟତରେ ଜଣେ ୮୫ବର୍ଷର ଭତ୍ତାଧାରୀ ଭାନି ରାଉତ କୁହନ୍ତି, ୩ଥର ଆଧାର ପାଇଁ ଫଟୋ ଉଠାଇଥିଲେ ମଧ ଏପର୍ଯ୍ୟନ୍ତ କାର୍ଡ ଆସି ନାହିଁ। କାରଣ ସମ୍ପୃକ୍ତ ବରିଷ୍ଠ ନାଗରିକ ଜଣକ ବ୍ଲକ କାର୍ଯ୍ୟାଳୟ ଆଧାର କେନ୍ଦ୍ରରେ ବାୟୋମେଟ୍ରିକ ଛାପା ସହ ଫଟୋ ଉଠାଇଥିଲେ। ମାତ୍ର ଆଧାର କାର୍ଡ ପ୍ରସ୍ତୁତି କେନ୍ଦ୍ରରେ ତାହା ଅଗ୍ରାହ୍ୟ ହୋଇଯାଇଛି। ୭୦ବର୍ଷର ବରିଷ୍ଠ ନାଗରିକମାନଙ୍କର ଅଙ୍ଗୁଳି ଛାପ କମ୍ପ୍ୟୁଟର ସ୍କାନିଂରେ ଦେଖାଯାଉ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଅନ୍ୟଜଣେ ବରିଷ୍ଠ ନାଗରିକ ସୁନ୍ଦରୀ ବେହେରା କୁହନ୍ତି। ଏହି ପରିସ୍ଥିତିର ସମାଧାନ ପାଇଁ ବ୍ଲକ ପ୍ରଶାସନ କୌଣସି ସମାଧାନର ବାଟ ବାହାର କରିବା ପାଇଁ ବରିଷ୍ଠ ନାଗରିକ ପକ୍ଷରୁ ଦାବି ହୋଇଛି। କୁଷ୍ଠ ରୋଗୀମାନଙ୍କୁ ଯେପରି ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉଛି ସେହି ଢଙ୍ଗରେ ଭତ୍ତା ପ୍ରଦାନ ପାଇଁ ପରମହଂସ ପଞ୍ଚାୟତର ସରପଞ୍ଚ ମିନତି ବେହେରା କହିଛନ୍ତି।

## କରୋନାକୁ ନେଇ ଚୌଦ୍ୱାର ପୋଲିସର ତତ୍ପରତା

ଚୌଦ୍ୱାର,୧୫।୩(ଡି.ଏନ୍.ଏ)

କରୋନା ସଂକ୍ରମଣ ଭୟରେ ରାଜ୍ୟ ସରକାର ବିଭିନ୍ନ ଜନସମାଗମ କାର୍ଯ୍ୟକ୍ରମକୁ ବନ୍ଦ ରଖିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଥାନା ଅଞ୍ଚଳକୁ ଜଣାଇଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର କମିଶନରେଟ ପୋଲିସ ପକ୍ଷରୁ ତତ୍ପରତା ଦେଖାଯାଇଛି। ରବିବାର ଅପରାହ୍ନରେ ହେବାକୁ ଥିବା ବିଭିନ୍ନ ମଣ୍ଡପରେ ବାହାଘର, ଭୋଜି, କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଚୌଦ୍ୱାର ଆଗ୍ରାହାଟସ୍ଥିତ ଏକ ମଣ୍ଡପରେ ରବିବାର ଜଣେ ବ୍ୟକ୍ତିଙ୍କ ବିବାହ ଭୋଜି ପାଇଁ ଦିନ ଧାର୍ଯ୍ୟ ହେବା ସହ ସମସ୍ତ ବ୍ୟବସ୍ଥା ସରିଥିବାବେଳେ ଶନିବାର ରାତିରେ ଚୌଦ୍ୱାର ଥାନା ପିସିଆର ମଣ୍ଡପରେ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ କୌଣସି ଜନସମାଗମ କର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି କହିଆସିଥିଲେ। ଫଳରେ ବ୍ୟକ୍ତିଜଣକ ନିରାଶ ହୋଇ ନିଜ ଘରେ ଅଳ୍ପ କିଛି ଲୋକଙ୍କୁ ଆପାୟିତ କରିବେ ବୋଲି କହିବା ସହ ଭୋଜି ପାଇଁ ବିଭିନ୍ନ ଜିନିଷର କରିଥିବା ଅଗ୍ରୀମ ଟଙ୍କା ଫେରସ୍ତ ପାଇବେକି ନାହିଁ ଚିନ୍ତାରେ ପଡିଯାଇଥିଲେ। ସୂଚନାଯୋଗ୍ୟ, ଚୌଦ୍ୱାରରେ ପୌରପାଳିକାର ନିଜସ୍ୱ ୨ଟି ମଣ୍ଡପ, ଏଆରସି ଭିତରେ ଥିବା ରିକ୍ରେସନ କ୍ଲବ ସହିତ ବ୍ୟକ୍ତିଗତ ଭାବେ ୪ଟି ମଣ୍ଡପ ଥିବାବେଳେ ପୋଲିସ ଏ ସମସ୍ତ ମଣ୍ଡପଗୁଡିକରେ କଟକଣା ଜାରି କରିଛି। ଏଥିସହ ଚୌଦ୍ୱାର ଥାନାକୁ ଆସୁଥିବା ଜନସାଧାରଣଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ହସ୍ତପ୍ରକ୍ଷାଳୟର ବ୍ୟବସ୍ଥା କରାଯିବା ସହିତ ହାତଧୁଆ ପାଇଁ ସାନିଟାଇଜର ରଖାଯିବାର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି। ଏ ନେଇ ବ୍ୟକ୍ତିଗତ ଭାବେ କିଛିଦିନ ପାଇଁ ସମସ୍ତେ ସଚେତନ ରହିବା ଜରୁରୀ ବୋଲି ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି।

## ରୋଗୀଙ୍କ ପର୍ସ, ମୋବାଇଲ୍ ଫୋନ୍ ଫେରାଇ ଆମ୍ବୁଲାନ୍ସ କର୍ମଚାରୀ ପ୍ରଶଂସିତ

ଭୁବନେଶ୍ୱର,୧୫।୩(ବ୍ୟୁରୋ)



କେତେଜଣ ଲୋକ ଅଛନ୍ତି, ଯେଉଁମାନେ ମାନବିକତାକୁ ସର୍ବାଗ୍ରେ ରଖିଥାନ୍ତି। ଏକ ୧୦୮ ଆମ୍ବୁଲାନ୍ସର ୩ଜଣ କର୍ମଚାରୀ ମଧ ମାନବିକତା ଦେଖାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେମାନେ ଜଣେ ରୋଗୀଙ୍କ ପର୍ସ ଓ ମୋବାଇଲ ଫୋନ ଫେରାଇ ପ୍ରଶଂସା ସାଉଁଟିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଅଧୀନ ମହାକାଳପଡ଼ା ବ୍ଲକର ନାଳଡିଆଠାରେ ଗତମାସ ୧୯ ତାରିଖରେ ପ୍ରିୟରଞ୍ଜନ ଲେଙ୍କା ନାମକ ଜଣେ ୨୬ ବର୍ଷୀୟ ଯୁବକ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଖବରପାଇ ଆମ୍ବୁଲାନ୍ସ ଚାଳକ ବିଭୂତି, ଭୂଷଣ ସ୍ୱାଇଁ, ଇଏମ୍‌ଟି ଏସ୍‌କେ ସନ୍ତୋଷ କୁମାର ଏବଂ ସହାୟକ ଆଲୋକ କୁମାର ମଲିକ ୧୦୮ ଆମ୍ବୁଲାନ୍ସ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରିୟରଞ୍ଜନ ଅଚେତ ଥିବାବେଳେ ଦୁର୍ଘଟଣାସ୍ଥଳରେ କୌଣସି ପରିବାର ସଦସ୍ୟ ଉପସ୍ଥିତ ନଥିଲେ। ଆମ୍ବୁଲାନ୍ସ କର୍ମଚାରୀମାନେ ସେଠାରୁ ପ୍ରିୟରଞ୍ଜନଙ୍କ ପର୍ସ ଓ ମୋବାଇଲ ଫୋନ ପାଇଥିଲେ। ଉକ୍ତ ଫୋନ ମାଧ୍ୟମରେ ସେମାନେ ପ୍ରିୟରଞ୍ଜନଙ୍କ ପରିବାର ସହ ଯୋଗାଯୋଗ କରିଥିଲେ ଏବଂ ତାଙ୍କୁ ତୁରନ୍ତ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡକାଇଥିଲେ। ଘରଠାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା କମ୍ ହୋଇଥିବାରୁ ରୋଗୀଙ୍କୁ ସେହିଠାରେ ହିଁ ରଖାଯାଇଥିଲା। ଏହାପରେ ରୋଗୀଙ୍କର ପରିବାର ସଦସ୍ୟମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ଚାଳକ ବିଭୂତି ଭୂଷଣ ସ୍ୱାଇଁ ଘଟଣାସ୍ଥଳରୁ ପାଇଥିବା ପର୍ସ ଓ ମୋବାଇଲକୁ ସେମାନଙ୍କୁ ହସ୍ତାନ୍ତର କରିଥିଲେ।




କରୋନା ଭୂତାଣୁରୁ ରକ୍ଷା ପାଇବା ପାଇଁ କଟକ ବାଦାମବାଡି ଅଞ୍ଚଳର ଏକ ଦୋକାନରୁ ଜଣେ ଯୁବକ ମାସ୍କ କିଣୁଛନ୍ତି।






କରୋନା ଭୂତାଣୁରୁ ରକ୍ଷା ପାଇବା ପାଇଁ ବାଦାମବାଡି ବସ୍‌ଷ୍ଟାଣ୍ଡ ଯାତ୍ରୀ ବିଶ୍ରାମାଗାର ଓ କଟକ ରେଳ ଷ୍ଟେସନ ପ୍ଲାଟ୍‌ଫର୍ମରେ ଯାତ୍ରୀମାନେ ମାସ୍କ ପିନ୍ଧି ବସିଛନ୍ତି।



ରାଗିବା ପୂର୍ବରୁ ହଠାତ ସ୍ଥିର ହୋଇଯାଅ। ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
- କନ୍‌ଫୁସିୟସ୍‌



## ସଂକ୍ଷେପରେ

### ମେଲୋଡ଼ି, ଅପେରା ପରିବେଷଣ ହେବନି ୧୯ରୁ କୁଦିଆରୀ ଦଶଦୋଳ ମେଳଣ

**ଜଟଣୀ, ୧୫।୩(ଡି.ଏନ.ଏ):** ଜଟଣୀର ଅନ୍ୟତମ ପୁରାତନ କୁଦିଆରୀ ଦଶଦୋଳ ମେଳଣ ଆସନ୍ତା୧୯ ତାରିଖଠାରୁ ଆରମ୍ଭ ହେବ। ଶ୍ରୀପତିତପାବନ ଚନ୍ଦ୍ରଶେଖର ଦେବଙ୍କ ୪ଦିନ ଧରି ଅନୁଷ୍ଠିତ ଏହି ମେଳଣର ଗୁରୁବାର ଜମାଣ ରାତ୍ର ହୋଇଥିବା ବେଳେ ୨୨ ତାରିଖ ଠାକୁର ମେଳଣ ଉତ୍ସବ ଅନୁଷ୍ଠିତ ହେବ। କରୋନା ଭୂତାଣୁ ପାଇଁ ସରକାରଙ୍କ କଟକଣାକୁ ସମ୍ମାନ ଜଣାଇ ନିରାଡମ୍ବର ଭାବେ ମେଳଣ ଆୟୋଜନ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମେଲୋଡ଼ି, ଅପେରା ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି ବୋଲି ମେଳଣ କମିଟି ସମ୍ପାଦକ ଲୁଫେନ ରାୟ କହିଛନ୍ତି। କେବଳ ପାରମ୍ପରିକ ରୀତିନୀତିରେ ମେଳଣ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

### ଔଷଧ ଦୋକାନ ଉପରେ ଚଢାଉ

**ଜଟଣୀ,୧୫।୩(ଡି.ଏନ.ଏ.):** ଜଟଣୀ ଥାନା ପୋଲିସ ରବିବାର ସ୍ଥାନୀୟ ଅଞ୍ଚଳରେ ଥିବା ଔଷଧ ଦୋକାନଗୁଡ଼ିକ ଉପରେ ଚଢାଉ କରିଥିଲା। କରୋନା ପାଇଁ ଚଢା ଦରରେ ମାକ୍ସ ଓ ସାନିଟାଇଜର ବିକ୍ରି କରିବା ଅଭିଯୋଗ ଆସିବା ପରେ ଇନ୍‌ସପେକ୍ଟର ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ସରକାରୀ ମେଡିକାଲ ନିକଟ, ମୁଖ୍ୟ ରାସ୍ତାପାର୍ଶ୍ୱ ଓ ନୀଳଚକ୍ର ମାର୍କେଟରେ ଥିବା ଔଷଧ ଦୋକାନରେ ପୋଲିସ ଚଢାଉ କରି ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ କେତେଜଣ ଦୋକାନୀ ମାକ୍ସ ଓ ସାନିଟାଇଜର କେଉଁଠାରୁ କ୍ରୟ କରିଛନ୍ତି ଏବଂ ଏ ସମ୍ପର୍କିତ କୌଣସି କାଗଜ ଦେଖାଇ ପାରି ନ ଥିଲେ। ବେଆଇନ ବିକ୍ରୟ ହେଉଥିବା ଅନେକ ମାକ୍ସ ପୋଲିସ ଜବତ କରିଥିଲା।

### ଏମ୍‌କେସିଜି କରୋନା ୱାର୍ଡରୁ ସନ୍ଦିଗ୍ଧ ଫେରାର

**ବ୍ରହ୍ମପୁର ଅଫିସ,୧୫।୩-** ବ୍ରହ୍ମପୁର ବଡ ମେଡିକାଲରେ ଗତ ୧୪ ତାରିଖରେ ଜଣେ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଥିଲେ। ଶନିବାର ବିଳମ୍ବିତ ରାତିରେ ସେ ଫେରାର ହୋଇଯାଇଛନ୍ତି। ପରେ ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ଏନେଇ ବିଏନ୍‌ପୁର ଥାନାରେ ଅଭିଯୋଗ କରିଛନ୍ତି। ମେଡିକାଲ ପରିସରରେ ରୋଗୀମାନଙ୍କ ସୁରକ୍ଷା ପାଇଁ କଡା ନିରାପତ୍ତା ସତ୍ତ୍ୱେ ସେ ସେଠାରୁ କିପରି ଫେରାର ହେଲେ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ପୁରୀ ଜିଲା କଷ୍ଣପ୍ରସାଦ ଥାନା ଅଞ୍ଚଳର ଜଣେ କରୋନା ସନ୍ଦିଗ୍ଧ ମାର୍ଚ୍ଚ ୧୪ ତାରିଖ ସକାଳେ ଏମ୍‌କେସିଜି ମେଡିକାଲ କରୋନା ୱାର୍ଡରେ ଭର୍ତ୍ତି ହୋଇଥିଲେ । ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯାଇଥିଲା ବୋଲି ମେଡିକାଲ ଅଧୀକ୍ଷକ ସୂଚାଇଛନ୍ତି।

# କୁଟୀରଶିଳ୍ପ ଉପରେ କରୋନା ଚଡ଼କ

**ଖୋର୍ଦ୍ଧା ଅଫିସ, ୧୫।୩**

### ଯାତ୍ରାପଡିଆ ଯୋଗାଉଥିଲା ବର୍ଷକର ଆହାର



ଯାତ୍ରା ପଡିଆକୁ ବିକ୍ରି କରିବା ଲାଗି ଜଣେ କାରିଗର ବାଉଁଶ ତିଆରି ସାମଗ୍ରୀ ଆଣିଛନ୍ତି ।

କରୋନା ଭୂତାଣୁ ଜନିତ ରୋଗକୁ ନେଇ ସାରା ରାଜ୍ୟରେ ଚହଳ ପଡିଛି। ଏହି ରୋଗ ପ୍ରତି ସତର୍କତା ରହିବାକୁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ଜିଲା ପ୍ରଶାସନ ପକ୍ଷରୁ ଶନିବାର ସହରାଞ୍ଚଳ, ଗ୍ରାମାଞ୍ଚଳରେ କଡା ସତର୍କତା ଜାରି କରାଯାଇଥିଲା। ବିଶେଷକରି ଜନଗହଳି ସ୍ଥାନରେ ଅଙ୍କୁଶ ଲଗାଇବାକୁ ଯାଇ ବନ୍ଦ କରି ଦିଆଯାଇଛି ଅନୁଷ୍ଠିତ ହେଉଥିବା ଦୋଳଯାତ୍ରା ଉତ୍ସବକୁ। ଜିଲାର ବିଭିନ୍ନ ସ୍ଥାନରେ ଦୋଳପୂର୍ଣ୍ଣିମୀଠାରୁ ଆୟୋଜିତ ହେଉଥିବା ଯାତ୍ରା ପଡିଆକୁ ବନ୍ଦ କରି ଦିଆଯାଇଛି। ନିରାଶ ହୋଇଛନ୍ତି ଆୟୋଜକ ଗ୍ରାମ୍ୟ କମିଟି ଓ ଶ୍ରଦ୍ଧାଳୁମାନେ। ଉତ୍ସବ ବନ୍ଦ ଯୋଗୁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି କୁଟୀରଶିଳ୍ପ କାରିଗରମାନେ। କୁଟୀରଶିଳ୍ପକୁ ଆପଣାଇ ନିଜର ଜୀବନ ଜୀବିକା ବଞ୍ଚାଉଥିବା କାରିଗରମାନଙ୍କ ଉପରେ କରୋନା ଚଡକ ପଡିଛି। ବର୍ଷତମାମ କାଁ ଭାଁ ବ୍ୟବସାୟ କରି ଦୁଃଖକଷ୍ଟରେ ପରିବାର ପ୍ରତିପୋଷଣ କରୁଥିବା ଏହି କାରିଗରମାନେ କେବଳ ଯାତ୍ରା ସମୟ ଆସିଲେ ସେମାନଙ୍କ ମନରେ ଉତ୍ସାହ ଭରି ଯାଇଥାଏ। ସେମାନେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆୟୋଜିତ ହେଉଥିବା ବିଭିନ୍ନ ଯାତ୍ରାପଡିଆରେ ପସରା ମେଲି ବର୍ଷକର ଆହାର ପାଇଁ ବ୍ୟବସାୟରେ ନିୟୋଜିତ ହୁଅନ୍ତି। ଚଳିତବର୍ଷ ମଧ୍ୟ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଥିବା ଦୋଳଯାତ୍ରା ପଡିଆକୁ ସେମାନେ ଆସିଥିଲେ ବ୍ୟବସାୟ କରିବାକୁ। ହେଲେ ଉତ୍ସବ ବନ୍ଦ ହେବା କାରଣରୁ ସେମାନେ ନିରାଶ ହୋଇ ଘରକୁ ଫେରି ଯାଇଛନ୍ତି। ସେମାନେ ବର୍ଷ ଯାକର ଆହାର ଚିନ୍ତାରେ ଏବେ ପଡି ଯାଇଛନ୍ତି।

ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ପଞ୍ଚୁଦୋଳ, ଦଶଦୋଳ ଓ ପନ୍ଦର ଦୋଳ ଯାତ୍ରା ପଡିଆରେ କାରିଗରମାନେ ଲକ୍ଷାଧିକ ଟଙ୍କାର ହାତ ତିଆରି ସାମଗ୍ରୀ ବିକ୍ରିବଟା କରିଥାନ୍ତି। କାରିଗରମାନେ ପଥର ନିର୍ମିତ ଶିଳ, ପେଷଣା, କୁଣ୍ଡ ଓ ସେହିପରି ବାଉଁଶ ତିଆରି କୁଲା, ବୋଝ, ବାଉଁଶିଆ ଓ କାଠ ତିଆରି ଆଲମିରା, ଟେବୁଲ, ଚୌକି ଭଳି ସରଞ୍ଜାମ ବିକ୍ରି କରି ବର୍ଷକର ଆହାର ଯୋଗାଡ କରୁଥିଲେ। ଚଳିତବର୍ଷ ମଧ୍ୟ ବିଭିନ୍ନ ଯାତ୍ରାକୁ ବିକ୍ରି କରିବାକୁ ଯିବେ ବୋଲି ପ୍ରସ୍ତୁତ ହୋଇସାରିଥିଲେ। ଲକ୍ଷାଧିକ ଟଙ୍କା ବ୍ୟୟ ସାଙ୍ଗକୁ ସମୟ ଅପଚୟ କରି ବିଭିନ୍ନ ଘରୋଇ ଉପକରଣକୁ ହାତରେ ତିଆରି କରିଥିଲେ। ବାଙ୍କୀ, ନୟାଗଡ, ଟାଙ୍ଗୀ ଅଞ୍ଚଳରୁ ବହୁ ବ୍ୟବସାୟୀମାନେ ଖୋର୍ଦ୍ଧା ଜିଲାର ଗ୍ରାମାଞ୍ଚଳ ଯାତ୍ରା ପଡିଆକୁ ଆସି ପସରା ମେଲିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଗୁରୁଜଙ୍ଗ, ସିମୋର, ପିଚୁକୁଲି, ଲେଖନପୁରୁ, ମାଣିବନ୍ଧ ଆଦି ଗ୍ରାମରେ ଅନୁଷ୍ଠିତ ହେଉଥିବା ଦୋଳଯାତ୍ରା ଉତ୍ସବକୁ ବନ୍ଦ କରି ଦିଆଯାଇଛି। ଦୂରଦୂରାନ୍ତରୁ ଉପକରଣଗୁଡିକ କାରିଗରମାନେ ଖର୍ଚ୍ଚାନ୍ତ ହୋଇ ଆଣି ଯାତ୍ରା ପଡିଆରେ ପସରା ମେଲିଥିଲେ। ସେମାନେ ନିରାଶ ହୋଇ ଏବେ ଘରକୁ ଫେରି ଯାଉଛନ୍ତି।

## ବାଣପୁର ପଞ୍ଚୁଦୋଳ ମେଳଣ: ୧୬୧ ବିଗ୍ରହଙ୍କ ମିଳନ



ପଲଟଣ ପଡିଆରେ ଠାକୁରଙ୍କ ମେଳଣ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ।

**ଖୋର୍ଦ୍ଧା ଅଫିସ, ୧୫।୩**

ନଅ ଦେଉଳ, ଛଅ ମଠ, ବତିଶ ବାଡ, ଷୋଳ ଶାସନକୁ ନେଇ ପିଢି ପରେ ପିଢି ପଞ୍ଚୁଦୋଳ ଯାତ୍ରା ସୂଚାରରୁପେ ବାଣପୁରର ଐତିହାସିକ ପଲଟଣ ପଡିଆଠାରେ ବିଗତ ୩୦୧ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନୁଷ୍ଠିତ ହୋଇଆସୁଛି। ବାଣପୁର ଅଞ୍ଚଳରେ ଏହା ଏକ ମୁଖ୍ୟ ଯାତ୍ରା ହୋଇଥିବା ବେଳେ ୧୬୧ ବିଗ୍ରହଙ୍କ ମିଳନ ହୋଇଥିଲା। ବାଣପୁର ପଞ୍ଚୁଦୋଳ ପଡିଆରେ ଶନିବାର ସନ୍ଧ୍ୟାରେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମରେ ଏହି ଯାତ୍ରା ଉଦ୍‌ଯାପିତ ହୋଇଯାଇଛି।

ଶୁକ୍ରବାର ବିଳମ୍ବିତ ରାତ୍ରିରେ ଥାନପତି ଶ୍ରୀଚରଣ ଚକାଦେବଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ଦକ୍ଷେଶ୍ୱର, ମା' ଭଗବତୀ, ଷୋଳ ଶାସନର ମୁଖ୍ୟ ରଙ୍ଗନାଥ ଦେବ, ନଅ ଦେଉଳର ମୁଖ୍ୟ ଉମାମହେଶ୍ୱର, ଭେଟିନାଥଦେବ ପ୍ରମୁଖ ଦେବଦେବୀଙ୍କ ସହ କପିଳେଶ୍ୱର ଦେବ, ଗୋପୀନାଥ ଦେବ, ବାଲୁଙ୍କେଶ୍ୱର ଦେବ ଆଦି ଯୋଗ ଦେଇଥିଲେ। ସେହିପରି ଗୁପ୍ତେଶ୍ୱର ଦେବ, ରାମେଶ୍ୱର ଦେବ, ବାଙ୍କନିଧି ଦେବ, ଝାଡେଶ୍ୱର ଦେବ ପ୍ରଭୃତି ଆଖପାଖ ଶତାଧିକ ଗ୍ରାମର ୧୮୧ ଠାକୁରଙ୍କ ବିଜେ ପ୍ରତିମା ବୃଷଭ, ସିଂହ, ଗରୁଡ, ହନୁମାନ ଓ ଦୋଳ ପ୍ରଭୃତି ୮୦ଟି ଦୋଳ ବିମାନରେ ସୁସଜିତ ହୋଇ ମେଳଣ ପଡିଆକୁ ଆସିଥିଲେ। ଠାକୁରମାନେ ଶୋଭାଯାତ୍ରାରେ ଆସିବା ସମୟରେ ବାଜା ରୋଶଣି ପଟୁଆର ସହ ଶଙ୍ଖ, ଘଣ୍ଟା, କାହାଳୀ ନାଦରେ ବିଭିନ୍ନ ଗ୍ରାମ ପରିକ୍ରମା କରି ପଲଟଣ ପଡିଆରେ ଏକତ୍ରିତ ହୋଇଥିଲେ। ପାଇକ ଆଖଡା, ଘୋଡାନାଚ, ଯୋଡି ଶଙ୍ଖ ସହ ଡିଜେ ଶବ୍ଦରେ ପ୍ରକମ୍ପିତ ହୋଇଉଠିଥିଲା ପଲଟଣ ପଡିଆ। ମା' ଭଗବତୀ, ଶ୍ରୀଚରଣ ଚକାଦେବ, ଶ୍ରୀରଙ୍ଗନାଥ ଦେବ, ଉମା ମହେଶ୍ୱର ଦେବ ପ୍ରମୁଖ ଆସନ ଗ୍ରହଣ କରିବା ପରେ ଅନ୍ୟ ଦେବଦେବୀମାନେ ନିଜ ନିଜର ଆସନରେ ଉପବେସନ କରିଥିଲେ। ଏହା ପରେ ବାଦ୍ୟଯନ୍ତ୍ର, ରୋଶଣି ଓ ଆତସବାଜି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶନିବାର ମଧ୍ୟ ରାତ୍ରରୁ ଶୋଭାଯାତ୍ରା, ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସକାଳ ୯ଟାରୁ ଅପରାହ୍ନ ଯାଏ ଠାକୁରଙ୍କ ନିକଟରେ ଭୋଗ ଲାଗି ହେବା ସହ ଦିନତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଲାଗି ରହିଥିଲା। ଏହି ଅବସରରେ ବହୁ ମାନସିକଧାରୀ ସେମାନଙ୍କ ପିଲାଙ୍କ ମୁଣ୍ଡ ନଣ୍ଡା କରିଥିଲେ। ସନ୍ଧ୍ୟାରେ ମେଳଣ ଦର୍ଶନ କରିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ମହିଳା ଅଟୋ ଯାତ୍ରୀଙ୍କଠାରୁ ଲୁଟ୍

**ଖୋର୍ଦ୍ଧା ଅଫିସ, ୧୫।୩**

ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଅଞ୍ଚଳରେ ରବିବାର ଅପରାହ୍ନରେ ଜଣେ ମହିଳା ଅଟୋଯାତ୍ରୀଙ୍କଠାରୁ ଲୁଟ୍ ହୋଇଥିଲା । ଏ ନେଇ ଥାନାରେ ମହିଳାଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୪୪/୨୦ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ହେଲେ ରିପୋର୍ଟ ଲେଖା ହେଲାବେଳକୁ ପୋଲିସ୍ ଲୁଟେରାଙ୍କ ସମ୍ପର୍କରେ କୌଣସି ସୁରାକ ପାଇପାରିନାହିଁ। ମିଳିଥିବା ଖବର ମୁତାବକ ଏକ ଯାତ୍ରୀବାହୀ ଅଟୋ ଯୋଗେ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ଦେଇ ଦଶପଲ୍ଲା ଯାଉଥିଲେ। ଦଶପଲ୍ଲା ଅଞ୍ଚଳର ଗୀତାଞ୍ଜଳି ନାୟକ, ତାଙ୍କ ଝିଅ ଓ ନଣନ୍ଦ ଅଟୋରେ ବସି ଯାଉଥିଲେ। ଅପରାହ୍ନ ପ୍ରାୟ ୫ଟା ବେଳକୁ ବୋଲଗଡ଼ ବ୍ଲକ ଛକ ନିକଟରେ ୨ଜଣ ବାଇକ୍‌ରେ ଲୁଟେରା ଆସି ଗୀତାଞ୍ଜଳିଙ୍କ କାନ୍ଧରେ ପଡ଼ିଥିବା ଭ୍ୟାନିଟ୍ ବ୍ୟାଗକୁ ଭିଡ଼ି ନେଇ ପଳାଇଥିଲେ। ଫଳରେ ବସିଥିବା ଗୀତାଞ୍ଜଳି ଅଟୋରୁ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଆହତ ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଇ ପୋଲିସ୍ ଛାଡ଼ିଦେଇଛି । ଏ ନେଇ ଗୀତାଞ୍ଜଳି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ତାଙ୍କ ଭ୍ୟାନିଟ୍ ବ୍ୟାଗ ଭିତରେ ନଗଦ ୭ ହଜାର ଟଙ୍କା ସହ ୨ଟି ଦାମୀ ମୋବାଇଲ୍ ସେଟ୍ ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ ଦୁଆର ଦୁଆର ବୁଲେ,**
**ପୁଅ ଚବିଶି ଏକାଦଶୀ କରେ ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ମା' ପଛେ ଦୁଆର ଦୁଆର ବୁଲୁଥାଉ ପୁଅର କିନ୍ତୁ ଫୁଟାଣି କାହିଁରେ କେତେ! ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ବାହାରେ ବୁଲି ବଡ଼ପଣ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମଲୁ ଖୋଜୁଥିଲା କାକର ପାଣି**
**ବଇଦ ବୋଇଲା ଦେ' ତୋରାଣି ।**

ମନ ଜାଣି ଫଳପ୍ରାପ୍ତି। ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରି ରହିଥାଏ ବା ଆଶା କରିଥାଏ ବେଳେ ବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ। ଆଶାନୁରୂପ ଦ୍ରବ୍ୟ ସହଜରେ ପାଇଯିବା ବା ବିନା ପ୍ରଚେଷ୍ଟାରେ ଇଚ୍ଛା ମୁତାବକ ଜିନିଷ ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଖାଁ ଖାଁ ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା



ଶୋଭାଯାତ୍ରାରେ ଠାକୁରଙ୍କୁ ଅଣାଯାଉଛି ।

**କୃଷ୍ଣପ୍ରସାଦ,୧୫।୩ (ଡି.ଏନ.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ମାଲୁଦ ପଞ୍ଚୁଦୋଳ ଯାତ୍ରା କରୋନା ପ୍ରଭାବରେ ଖାଁ ଖାଁ ହୋଇପଡିଛି। ଚଳିତବର୍ଷ ବିନା ପାଟ ପଟୁଆର, ଆତସବାଜିରେ କେବଳ ପରମ୍ପରାକୁ ବଞ୍ଚାଇବା ପାଇଁ ସୁସଜ୍ଜିତ ବିମାନରେ ୨୩ ଠାକୁର ପଞ୍ଚୁଦୋଳ ପଡିଆରେ ପହଞ୍ଚି ନିଜ ନିଜ ଆସନରେ ବସିଥିଲେ। ଠାକୁର କେବଳ ଖୋଳ, ଝାଞ୍ଜ, ପାରମ୍ପରିକ ପାଇକ କ୍ରୀଡାରେ ଆସି ପହଞ୍ଚି ଥିଲେ। ମନୋରଞ୍ଜନ ପାଇଁ ୨ଟି ଅପେରାକୁ କରୋନା ଭାଇରସ ଆତଙ୍କରେ ବାତିଲ କରାଯାଇଥିଲା। କୃଷ୍ଣପ୍ରସାଦର ପ୍ରଥମ ପୁସ୍ତକମେଳା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାନାମ୍ବର ବାରିକଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଚାଲିବ। ପୁସ୍ତକମେଳାରେ ଏକ ମାଗାଜିନକୁ ଉନ୍ମୋଚନ କରାଯାଇଥିଲା। ପୁସ୍ତକମେଳାକୁ ପଞ୍ଚୁଦୋଳ ଯାତ୍ରାର ସ୍ୱତ୍ୱାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।

## ଯାଁଳା ମୁଣ୍ଡମୁହାଣ ମେଳଣ ଉଦ୍‌ଯାପିତ

**ଯାଁଳା, ୧୫।୩(ଡି.ଏନ.ଏ):**

ଯାଁଳା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡମୁହାଣ ଗ୍ରାମରେ ଶ୍ରୀଗ୍ରାମେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ମେଳଣ ରବିବାର ଉଦ୍‌ଯାପିତ ହୋଇଛି। ଗୁରୁବାର ରାତିରେ ବାଜା, ରୋଶଣି, ବିଭିନ୍ନ ନୃତ୍ୟ ଆତସବାଜି ପ୍ରଦର୍ଶନରେ ଥାନପତି ମେଳଣ ପଡ଼ିଆକୁ ଆସିଥିଲେ। ଆଖପାଖ ଗ୍ରାମର ୨୦ଟି ଦୋଳ ବିମାନରେ ଠାକୁର ଉପବିଷ୍ଟ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ପାଲା, ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଛୋଟପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ରବିବାର ହରିହର ଭେଟ ପରେ ଠାକୁରମାନେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। କରୋନା ପାଇଁ ଫଗୁ ଛିଞ୍ଚନ ଉପରେ କଟକଣା କରାଯାଇଥିଲା।

## ବଞ୍ଚିଛି ପରମ୍ପରା, କମିଛି ମହକ
### ଗୁରୁଜଙ୍ଗ, ସିମୋର ପଞ୍ଚୁଦୋଳ ଯାତ୍ରା

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୫।୩ (ଡି.ଏନ.ଏ.)**



ଗୁରୁଜଙ୍ଗ ମେଳଣ ପଡିଆରେ ଥାନପତି ଧବଳେଶ୍ୱରଦେବ ।

କରୋନା ଭୂତାଣୁ ଜନିତ ରୋଗ ପ୍ରତି ସତର୍କତା ଜାରି କରି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ହେଉଥିବା ଯାତ୍ରା, ଉତ୍ସବ ଆଦି କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଛି। ଖୋର୍ଦ୍ଧା ସହର ଗୁରୁଜଙ୍ଗସ୍ଥିତ ବାବା ଧବଳେଶ୍ୱର ଠାକୁରଙ୍କର ପ୍ରତିବର୍ଷ ଭଳି ଚଳିତବର୍ଷ ଶନିବାର ସକାଳୁ ପଞ୍ଚୁଦୋଳ ଯାତ୍ରା ଆରମ୍ଭ ହୋଇଛି। ଯାତ୍ରାପଡିଆକୁ ଚଳିତବର୍ଷ ବିଭିନ୍ନ ଗାଁରୁ ଠାକୁରମାନେ ଦୋଳବିମାନରେ ଆସି ପୂଜା ପାଉଛନ୍ତି। କରୋନା ପ୍ରଭାବରେ କେବଳ ପରମ୍ପରା ବଞ୍ଚାଇବାକୁ ଯାଇ ମେଳଣ କମିଟି ପକ୍ଷରୁ ଠାକୁରଙ୍କର ନୀତି ସମ୍ପନ୍ନ କରାଯାଉଛି। ଶ୍ରଦ୍ଧାଳୁମାନଙ୍କ ପାଇଁ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋହରି ଦୋକାନ ବଜାର ପଡିଆ ପରିସରରେ ଦେଖିବାକୁ ମିଳୁନାହିଁ। ଯାତ୍ରାପଡିଆରେ ଗହଳି ନ ଥିବା ଯୋଗୁ ମହକ କମିଯାଇଛି ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି। ଧବଳେଶ୍ୱର ଠାକୁରଙ୍କର ଆରମ୍ଭ ହୋଇଥିବା ଦୋଳ ଯାତ୍ରାକୁ ନିମନ୍ତ୍ରିତ ହୋଇ ଅରାଙ୍ଗ ଗ୍ରାମର ବାଲୁଙ୍କେଶ୍ୱର ଦେବ, ନୂଆଗାଁ ଗ୍ରାମର ବୃନ୍ଦାବନଚନ୍ଦ୍ର ଦେବ, ଖୋର୍ଦ୍ଧା ବରାଡ ବାଲୁଙ୍କେଶ୍ୱର ଦେବ ଓ ଗୋପାଳ ଜୀଉଦେବ, କୁମାରବସ୍ତ ଗ୍ରାମର ଲୋକନାଥ ଦେବ, ନିଆଳ ଗ୍ରାମର ରାଧାକୃଷ୍ଣଦେବ, ଗୁରୁଜଙ୍ଗ ଗ୍ରାମର ରାଧାଗୋବିନ୍ଦ ଓ ପତିତପାବନ ଦେବ ମେଳଣ ପଡିଆରେ ଥିବା ସିଂହାସନ ଉପରେ ପୂଜା ପାଉଛନ୍ତି। ଯାତ୍ରାପଡିଆରେ କାଁ ଭାଁ ଉଠା ଦୋକାନ ପଡିଛି। କରୋନା ଯୋଗୁ ଚଳିତବର୍ଷ ଜିଲା ପ୍ରଶାସନ ପକ୍ଷରୁ ଅପେରା ପରିବେଷଣ ବନ୍ଦ କରିଦିଆଯାଇଛି।

ସେହିପରି ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ଦୋଳଯାତ୍ରା ପଡିଆରେ ରବିବାର ସକାଳୁ ପଞ୍ଚୁଦୋଳ ଯାତ୍ରା ଆରମ୍ଭ ହୋଇଛି। ପରମ୍ପରା ଅନୁସାରେ ଗଁଅପୁର, କଣ୍ଟାମଳିମ ଗ୍ରାମର ସୋମନାଥ ଦେବ ଠାକୁର ଗାଦିକେଶ୍ୱର ବା ଥାନାପତି ଭାବେ ପ୍ରଥମେ ପଟୁଆରରେ ବାହାରିଥିଲେ। ବିମାନରେ ବସି ଠାକୁର ସାହି ଶୋଭାଯାତ୍ରାରେ ବାହାରି ଭକ୍ତଙ୍କ ଦ୍ୱାରରୁ ଭୋଗ ଖାଇ ପଡିଆକୁ ବିଜେ କରିଥିଲେ। ପରେ ଆଖପାଖ ଗ୍ରାମରୁ ଦୋଳ ବିମାନରେ ଠାକୁରମାନେ ଏଠାକୁ ଆଗମନ କରି ପୂଜା ପାଉଛନ୍ତି।

# ଠାକୁରଙ୍କୁ ଫଗୁ ସିଞ୍ଚନରେ ସ୍ୱତନ୍ତ୍ର ନିୟମ

**ଜଟଣୀ,୧୫।୩(ଡି.ଏନ.ଏ):**

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣ ଉପରେ କରୋନା ଡର ପରିଲକ୍ଷିତ ହୋଇଛି। ଜଟଣୀ ନିକଟବର୍ତ୍ତୀ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଆରମ୍ଭ ହୋଇଥିବା ଏହି ପ୍ରସିଦ୍ଧ ମେଳଣର ଶନିବାର ଜମାଣ ରାତ୍ର ଅନୁଷ୍ଠିତ ହୋଇଥିଲା। ଆଧ୍ୟାତ୍ମିକ ଭାବନା, ଆସ୍ଥା ଓ ବିଶ୍ୱାସକୁ ନେଇ ରବିବାର ଜନସମାଗମ ହୋଇଥିଲେ ମଧ୍ୟ ପୂର୍ବବର୍ଷମାନଙ୍କଠାରୁ କମ୍ ରହିଥିଲା। କରୋନା ଭୂତାଣୁ ସଂକ୍ରମଣ ମୁକାବିଲାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରତିଷେଧକମୂଳକ ପଦକ୍ଷେପ, ସତର୍କତା ଓ ସଚେତନତା ଲୋକସଂଖ୍ୟା ହ୍ରାସର ଅନ୍ୟତମ କାରଣ ବୋଲିଅନେକ କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ମେଳଣ କମିଟି ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମମାନ କରାଯାଉଛି। କମିଟି ପକ୍ଷରୁ ଠାକୁରଙ୍କ ଉପରେ ଫଗୁ ସିଞ୍ଚନ ପାଇଁ ସ୍ୱତନ୍ତ୍ର ନିୟମ କରାଯାଇଛି। ଠାକୁର ଉପବିଷ୍ଟ ଥିବା ଦୋଳ ବିମାନ ଉପରକୁ ଦୂରରୁ ଶ୍ରଦ୍ଧାଳୁ ଫଗୁ ସିଞ୍ଚନ କରୁଥିଲେ। ଫଳରେ ଏହା ଚାରିଆଡ଼େ ଉଡି ପରିବେଶ ପ୍ରଦୂଷଣ ହେଉଥିଲା। କରୋନା ଭୂତାଣୁ ସଂକ୍ରମଣ ଆଶଙ୍କାରେ ପରିଚାଳନା କମିଟି ପକ୍ଷରୁ ନାନା ପଦକ୍ଷେପ ନିଆଯାଇଛି। ଭକ୍ତ ଫଗୁ ଦୂରରୁ ନ ପକାଇ ନିକଟକୁ ଯାଇ ବିମାନର ମଧ୍ୟ ଭାଗରେ ଥିବା ଠାକୁରଙ୍କୁ ଅର୍ପଣ କରିବାକୁ କମିଟି ପକ୍ଷରୁ ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି।



ଶ୍ରଦ୍ଧାଳୁମାନେ ଠାକୁରଙ୍କ ଉପରେ ଅବିର ସିଞ୍ଚନ କରୁଛନ୍ତି ।

### ଠାକୁରଙ୍କଠାରୁ ଦୂରରେ ବିକ୍ରି ହେଉଛି ଦୀପ, ଭୋଗ

ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମହିମା ପ୍ରତିବର୍ଷ ତାଙ୍କୁ ଏଠାକୁ ଟାଣି ଆଣୁଛି। ୫ ବର୍ଷ ହେଲା ମେଳଣକୁ ଦୀପ ଓ ଭୋଗ ବିକିବାକୁ ସେ ଆସୁଛନ୍ତି। କରୋନା ଭୂତାଣୁ ପ୍ରଭାବରୁ ମେଳଣ ପଡ଼ିଆରେ ଠାକୁରଙ୍କଠାରୁ ଦୂରକୁ ଯାଇ ଦୀପ, ଭୋଗ ବିକିବାକୁ କୁହାଯାଉଛି। ଠାକୁରଙ୍କ ଦୟାରୁ କାହାରି କିଛି ହେବ ନାହିଁ।

**ହରଶମଣି ସାହୁ, ବାଇଶିବାଟି, ନିମାପଡ଼ା**

### ଭଲ ହେଉନି ବ୍ୟବସାୟ

କରୋନା ଭାଇରସ ପାଇଁ ଏବର୍ଷ ଜଳଖିଆ ଦୋକାନରେ ବ୍ୟବସାୟ ସେପରି ହେଉନାହିଁ। ଲୋକସଂଖ୍ୟା ହ୍ରାସ ପାଇଛି। ଲୋକେ ବାହାର ଖାଦ୍ୟ ଖାଇବାକୁ ସେତେଟା ଇଚ୍ଛା ପ୍ରକାଶ କରୁନାହାନ୍ତି। ହେଲେ ସମସ୍ତ ସତର୍କତା ଅବଲମ୍ବନ କରାଯାଇଛି। ବଳି ଯାଉଥିବା ବାସି ଖାଦ୍ୟ ପୋତି ଦିଆଯିବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି।–

**ପ୍ରଭାକର ମାର୍ଥା, ବସନ୍ତପୁର, ଡେଲାଙ୍ଗ**

### ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ

ପଲିଥିନ ବ୍ୟବହାର ନ କରିବାକୁ ଲୋକଙ୍କୁ କମିଟି ସଦସ୍ୟମାନେ ସଚେତନ କରୁଛନ୍ତି। ଏଣେତେଣେ ଦୀପ ନ ଜଳାଇ ସ୍ୱତନ୍ତ୍ର ଷ୍ଟାଣ୍ଡରେ ଜଳାଇବାର ବ୍ୟବସ୍ଥା କରାଯାଇଛି। ଦୋଳ ବିମାନ ରହିଥିବା ସ୍ଥାନର ଦୂରରେ ଫଗୁ, ଦୀପ, ଭୋଗ ଆଦି ବିକ୍ରି କରିବାକୁ ସବୁ ଦୋକାନୀଙ୍କୁ କୁହାଯାଇଛି। ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି।

**–ପ୍ରେମାନନ୍ଦ ମହାରଥୀ, ମେଳଣ ପରିଚାଳନା କମିଟି ସଭାପତି**

### ୨୦ ବର୍ଷ ହେବ ଆସୁଛି

ହରିରାଜପୁର ମେଳଣରେ ୨୦ ବର୍ଷ ହେବ ଦୋକାନ ଦେଇଆସୁଛି । ଘଡ଼ି, ଦୀପ, ମାଠିଆ, ଝୁଣାଦାନୀ, ଘୁମ ଆଦି ମାଟିରେ ନିର୍ମିତ ଉପକରଣ ବିକ୍ରୟ କରି ଆସୁଛି। କୁମ୍ଭକାର ପରିବାର ହୋଇଥିବାରୁ ଘରେ ଏହାକୁ ତିଆରି କରାଯାଉଛି। ପ୍ଲାଷ୍ଟିକ, ଷ୍ଟିଲ ଆଦିର ବ୍ୟବହାର ସତ୍ତ୍ୱେ ମାଟିପାତ୍ରର ଚାହିଦା କମିନି। ଏବେବି ବିବାହ, ବ୍ରତ ଆଦି ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ମାଟି ପାତ୍ର ବ୍ୟବହାର ହେଉଛି। କରୋନା ଭୟରେ ଲୋକସଂଖ୍ୟା ହ୍ରାସ ଯୋଗୁ ପୂର୍ବବର୍ଷ ଅପେକ୍ଷା ଏଥର ବ୍ୟବସାୟ ଉପରେ ପ୍ରଭାବ ପଡିପାରେ।

**–ଈଶ୍ୱର ମୁଦୁଲି, ବଳଙ୍ଗା, ପୁରୀ**

### ମାନସିକ ପାଲା

ମେଳଣ ପଡ଼ିଆରେ ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥଦେବଙ୍କ ସମେତ ୮୦ ହରିହର ବିଗ୍ରହ ଦୋଳ ବିମାନରେ ଉପବିଷ୍ଟ ହୋଇଛନ୍ତି। ମେଳଣ ପଡ଼ିଆରେ ୪ ଦିନ ଦୈନିକ ମାନସିକ ପାଲା ହୋଇଥାଏ। ମାନସିକ ପୂରଣ ହୋଇଥିବା ଭକ୍ତ ଏଠାରେ ପାଲା ପରିବେଷଣ କରାଇଥାନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦୈନିକ ୪ରୁ ୫ଟି ଦଳ ପାଲା ପରିବେଷଣ କରିଥାନ୍ତି। ଏଠାରେ ପାଲା ପରିବେଷଣ ପାଇଁ ପୂର୍ବରୁ ଥରେ ସୁଯୋଗ ପାଇଥିଲି। ଠାକୁରଙ୍କ ମେଳଣରେ ପାଲା ପରିବେଷଣ ସୁଯୋଗ ପାଉଥିବାରୁ ନିଜକୁ ଧନ୍ୟ ମନେକରୁଛି।

**–ବାସୁଦେବ ପଣ୍ଡା, ପାଲା ଗାୟକ, ଛଣଘର, ସାତଶଙ୍ଖ**



ରାଗିବା ପୂର୍ବରୁ ହଠାତ ସ୍ଥିର ହୋଇଯାଅ। ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
- କନ୍‌ଫୁସିୟସ୍



## ସଂକ୍ଷେପରେ

### ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

**ପୁରୀ ଅଫିସ, ୧୫।୩:** କରୋନାକୁ ନେଇ ସାରା ବିଶ୍ୱ ଚିନ୍ତାରେ ପଡ଼ିଛି। ଓଡ଼ିଶାକୁ କିପରି କରୋନା ସ୍ପର୍ଶ ନ କରିବ ସେଥିଲାଗି ରାଜ୍ୟ ସରକାର ବିଭିନ୍ନ ଆଡଭାଇଜରି ଜାରି କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଜିଲା ହେଡ କ୍ୱାର୍ଟର ଛାଡ଼ି ନ ଯିବାକୁ ଅଫିସରମାନଙ୍କୁ କୁହାଯାଇଛି। ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।

### ଜଙ୍କିଆ ପଞ୍ଚୁଦୋଳ ମେଳଣ

**କଣାସ,୧୫।୩(ଡି.ଏନ.ଏ):** କଣାସ ଅଞ୍ଚଳରେ ଜଙ୍କିଆ ପଞ୍ଚୁଦୋଳ ମେଳଣ ଆରମ୍ଭ ହୋଇଯାଇଛି। ମେଳଣର ମୁଖ୍ୟ ଆକର୍ଷଣ ହେଉଛନ୍ତି ଇନ୍ଦ୍ରେଶ୍ୱର ଦେବ। ରବିବାର ସକାଳୁ ଠାକୁର ବ୍ରହ୍ମଗିରି ବ୍ଲକର ଓଲ ଗ୍ରାମରୁ ବାହାରିବା ପରେ ଆଳିଶ ଛକ ଠାରୁ ଶୁକଳ ଦେଇ ନୂଆ ଜଗନ୍ନାଥ ସଡ଼କର ଉଭୟ ପାର୍ଶ୍ୱରେ ଥିବା ବିଭିନ୍ନ ଗ୍ରାମ ଓ ଛକରେ ଚାଚେରି ଭୋଗ ଖାଇ ଆସିଥିଲେ। ଏହି ସମୟରେ ଘୋଡ଼ା ନାଚ ବାଜା ବାଣ ଘଣ୍ଟଘଣ୍ଟି, ହୁଳହୁଳି, ହରିବୋଲ ନାଦରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ବିଜିପୁର, ନନ୍ଦିଗୋଡା ଦଶହରାପଦା ବରୁଣଛକ ଓ ବେଣାଗାଁ ଦେଇ ଗଡସାହି ଛକଠାରେ ପହଞ୍ଚି ଥିଲେ। ସେଠାରୁ ମର୍ଦ୍ଧାପଲ୍ଲୀ ଗ୍ରାମରେ ପହଞ୍ଚିବା ପରେ ଠାକୁଙ୍କୁ ବିରାଟ ପଟୁଆରରେ ଜଙ୍କିଆ ଗ୍ରାମ ପରିକ୍ରମା କରାଇ ଆସ୍ଥାନ ମଣ୍ଡପକୁ ପାଛୋଟି ନିଆଯାଇଥିଲା। ହଜାର ହଜାର ଭକ୍ତ, ମାନସିକଧାରୀ ଠାକୁରଙ୍କୁ ଭୋଗ ନୈବେଦ୍ୟ ସମର୍ପଣ କରି ଫଗୁ ଲାଗି କରିଥିଲେ। ସ୍ଥାନାଧିପତି ନୀଳକଣ୍ଠେଶ୍ୱର ଦେବ ସଭାପତି ନନ୍ଦ ଠାକୁରଙ୍କ ସହିତ ଗ୍ରାମର ଭଗବତ ବାସୁଦେବ ନିଜନିଜ ଆସନରେ ବିଜେକରିଥିଲେ। ଏହି ମେଳଣରେ ଆଖପାଖ ଗ୍ରାମର ୩୨ଟି ଦୋଳ ଯୋଗ ଦେଇଥିଲା। ହରି-ହର ଭେଟ ସ୍ୱତନ୍ତ୍ର ଆକର୍ଷଣ ସୃଷ୍ଟି କରିଥିଲା।

### ପଞ୍ଚୁପାଣ୍ଡବଙ୍କ ସହ ୧୦୮ ଦୋଳର ମିଳନ

**ବ୍ରହ୍ମଗିରି,୧୫।୩(ଡି.ଏନ.ଏ):** ଐତିହାସିକ ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦିଅଁ ଜମାଣ ଦିନରେ ପଞ୍ଚୁଦୋଳ ମେଳଣ ପଡ଼ିଆର ଦୋଳ ବେଦିରେ ହୋମାଦି ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ସ୍ଥାନାଧିପତି ଶ୍ରୀ ଗୋପୀନାଥ ଦେବଙ୍କ ନିକଟକୁ ପଠାଯାଇଥିବା ବେଳେ ରବିବାର ସନ୍ଧ୍ୟା ସୁଦ୍ଧା ୧୦୮ ଦୋଳ ମେଳଣ ପଡିଆରେ ଖୁଣ୍ଟ ଲାଗି ହୋଇଛନ୍ତି। ସୁଶୋଭିତ ବିମାନରେ ଗୋପୀନାଥଙ୍କୁ ବିଜେ କରାଯାଇ ମେଳଣ ପଡିଆରେ ଖୁଣ୍ଟ ଲାଗି ହୋଇଥିଲା। ଏହାପରେ ଗୋପୀନାଥଙ୍କ ସମେତ ପଞ୍ଚୁପାଣ୍ଡବ ପଞ୍ଚୁଦୋଳ ମେଳଣ କୁଞ୍ଜରେ ବିଜେ କରିଥିଲେ। ସନ୍ଧ୍ୟାରେ ବାଣ ପ୍ରତିଯୋଗିତା, ବାଦ୍ୟ, ଘଣ୍ଟଘଣ୍ଟା, ସଂକୀର୍ତ୍ତନ, ସାହିଯାତ, ନାଗା, ମେଢ, ଘୋଡାନାଚ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ରହ୍ମଗିରି ଗ୍ରାମବାସୀଙ୍କ ତରଫରୁ ପାରମ୍ପରିକ ସାହିଯାତ, ନାଗା ନୃତ୍ୟ, ମେଢ ନୃତ୍ୟ ପରିବେଷଣ କରାଯାଇଛି। କରୋନା ପାଇଁ ପ୍ରଶାସନିକ ନିୟମକୁ ସମ୍ମାନ ଜଣାଇ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି।

### ଦଳିତ ଯୁବକଙ୍କୁ ଆକ୍ରମଣ

**ନିମାପଡ଼ା,୧୫।୩(ଡି.ଏନ.ଏ):** ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଗ୍ରାମରେ ସବର୍ଣ୍ଣ ଓ ଦଳିତ ବର୍ଗର ବ୍ୟକ୍ତିଙ୍କ ମଧ୍ୟରେ ଶତ୍ରୁତାକୁ କେନ୍ଦ୍ର କରି ଶନିବାର ଦୁଇ ଦଳିତ ଯୁବକଙ୍କୁ ଆକ୍ରମଣ ହୋଇଛି। ଏ ନେଇ ସବର୍ଣ୍ଣ ବର୍ଗର ୧୧ଜଣ ବ୍ୟକ୍ତିଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ପୋଲିସ କେସ୍ ନଂ.୨୭/୨୦ ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଶନିବାର ଦଳିତ ସାହିର ଅଶ୍ୱିନୀ ବେହେରା ଓ ତାଙ୍କ ସମ୍ପର୍କୀୟ ଭାଇ ଦୀପକ ବେହେରା ଏକ ବାଇକ୍‌ରେ ଘରକୁ ଫେରୁଥିବାବେଳେ ସବର୍ଣ୍ଣ ସାହି ମଝିରେ ୫୦ଜଣ ବ୍ୟକ୍ତି ସଂଘବଦ୍ଧ ହୋଇ ଗାଡ଼ି ଅଟକାଇଥିଲେ। ଗାଡ଼ିରୁ ଚାବି ନେଇଯିବା ସହ ଅତର୍କିତ ଭାବେ ଦୁଇ ଭାଇଙ୍କୁ ଆକ୍ରମଣ କରିଥିଲେ। ପରେ ଆହତ ଦୁଇଭାଇ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହୋଇ ଥାନାରେ ଅଭିଯୋଗ କରିଥିଲେ। ଗ୍ରାମରେ ଗଣ୍ଡଗୋଳ ଆଶଙ୍କା ନେଇ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ରାତିରେ ଯୁବକଙ୍କୁ ଗୋଡ଼େଇ ହାଣିଲେ

## ପୂର୍ବ ଶତ୍ରୁତାରୁ ଆକ୍ରମଣ ସନ୍ଦେହ

**ପିପିଲି, ୧୫।୩(ଡି.ଏନ୍.ଏ)**

ପିପିଲି-ଡେଲାଙ୍ଗ ରାସ୍ତାର ଦାନୋଗହୀର ଛକଠାରେ ଶନିବାର ରାତିରେ ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ଗୋଡ଼େଇ ଗୋଡ଼େଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯିବା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ଯୁବକ ହେଲେ ଦାନୋଗହୀର ଅଞ୍ଚଳର କୟୁମ ଖାଁ (୩୦)। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି।

ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୨ଟାରେ କୟୁମ ଜଟଣୀରୁ ଅଟୋ ନେଇ ଫେରୁଥିବାବେଳେ କେତେଜଣ ବ୍ୟକ୍ତି ତାଙ୍କୁ ଦାନୋଗହୀର ଛକଠାରେ ଅଟକାଇ ଥିଲେ। ସେ ଅଟକିବା ମାତ୍ରେ ଦୁର୍ବୃତ୍ତମାନେ ତାଙ୍କୁ ବିଭିନ୍ନ ପ୍ରକାର ମାରଣାସ୍ତ୍ରରେ ଚୋଟ ପରେ ଚୋଟ ମାରିଥିଲେ। ଏଥିରେ କୟୁମଙ୍କ ମୁହଁ, ମୁଣ୍ଡ, ଦୁଇହାତ, ଦୁଇ ଗୋଡ଼ ସମେତ ଶରୀରର ବିଭିନ୍ନ ସ୍ଥାନ କ୍ଷତ ବିକ୍ଷତ ହୋଇଛି। ଏହି ଆକ୍ରମଣ ସମୟରେ ଦୁର୍ବୃତ୍ତମାନେ ସ୍ଥାନୀୟ ଅଞ୍ଚଳକୁ ଅନ୍ଧାର କରିବା ପାଇଁ ବିଦ୍ୟୁତ ବିଚ୍ଛିନ୍ନ କରିଦେଇଥିଲେ। ତେବେ କୟୁମ ଅନ୍ଧାରରେ ୩ଜଣଙ୍କୁ ଚିହ୍ନି ପାରିଥିବା କହିଛନ୍ତି। ଆକ୍ରମଣ ବେଳେ କୟୁମଙ୍କ ଚିତ୍କାର ଶୁଣି କେତେଜଣ ବ୍ୟକ୍ତି ତାଙ୍କ ଘରକୁ ଖବର ଦେଇଥିଲେ। ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି କୟୁମଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଅଟୋ ଯୋଗେ ଭୁବନେଶ୍ୱର ନେଇଯାଇଥିଲେ। ଏ ନେଇ କୟୁମଙ୍କ ପରିବାର ପକ୍ଷରୁ ପିପିଲି ଥାନାରେ ଜଣାଇବା ସହ ୩ଜଣ ଦୁର୍ବୃତ୍ତଙ୍କ ନାମ ପୋଲିସ୍‌କୁ କହିଥିବା ଜଣାପଡ଼ିଛି। ରବିବାର ଖବର ଲେଖାଯିବା ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ଆହତଙ୍କ ପକ୍ଷରୁ ପିପିଲି ଥାନାରେ ଅଭିଯୋଗ ହୋଇ ନ ଥିଲେ ମଧ ଘଟଣା ଉପରେ ପୋଲିସ ନଜର ରଖିଛି ବୋଲି ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।



କୟୁମ ଖାଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ ଦୁଆର ଦୁଆର ବୁଲେ,**
**ପୁଅ ଚବିଶି ଏକାଦଶୀ କରେ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ମା' ପଛେ ଦୁଆର ଦୁଆର ବୁଲୁଥାଉ ପୁଅର କିନ୍ତୁ ଫୁଟାଣି କାହିଁରେ କେତେ! ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ବାହାରେ ବୁଲି ବଡ଼ପଣ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମଲୁ ଖୋଜୁଥିଲା କାକର ପାଣି**
**ବଇଦ ବୋଇଲା ଦେ' ତୋରାଣି।**

ମନ ଜାଣି ଫଳପ୍ରାପ୍ତି। ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରି ରହିଥାଏ ବା ଆଶା କରିଥାଏ ବେଳେ ବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ। ଆଶାନୁରୂପ ଦ୍ରବ୍ୟ ସହଜରେ ପାଇଯିବା ବା ବିନା ପ୍ରଚେଷ୍ଟାରେ ଇଚ୍ଛା ମୁତାବକ ଜିନିଷ ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କରୋନା ଲାଗି ଗାଁ ମେଳଣ ଉପରେ କଟକଣା

**ନିମାପଡ଼ା,୧୫।୩(ଡି.ଏନ.ଏ)**

ରାଜ୍ୟ ସରକାର କରୋନାକୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରିବା ସହ ବିଭିନ୍ନ ସ୍ଥାନରେ ଜନସମାଗମ ଉପରେ ଅଙ୍କୁଶ ଲଗାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଚୈତ୍ର ମାସରୁ ଦୋଳ ପୂର୍ଣ୍ଣମୀଠାରୁ ମାସେ ବ୍ୟାପୀ ହେବାକୁ ଥିବା ପଞ୍ଚୁଦୋଳ ମେଳଣ ଉପରେ ଅଙ୍କୁଶ ଲଗାଯାଇଛି। ନିମାପଡ଼ା ପୋଲିସ ରବିବାର ବିଭିନ୍ନ ଅଞ୍ଚଳ ବୁଲି ମେଳଣ, ଅପେରା, ସାଂସ୍କୃତିକ କାର୍ଯ୍ୟକ୍ରମ ନ କରିବା ଲାଗି ସଚେତନତା କରିଛନ୍ତି। ଆଇଆଇସି ଜନାର୍ଦ୍ଦନା ପାଢ଼ୀ ଏକ ଟିମ ସହ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ଗ୍ରାମ ମେଳଣ କମିଟିର କର୍ମକର୍ତ୍ତା, ଗ୍ରାମ ମୁରବୀଙ୍କୁ ଭେଟି ଜନସମାଗମ କାର୍ଯ୍ୟକ୍ରମ ନ କରିବା ପାଇଁ କଡ଼ା ତାଗିଦ କରିଛନ୍ତି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତିରିକ୍ତ ଜିଲାପାଳ(ଏଡିଏମ) ବିନୟ କୁମାର ଦାସ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ସରୋଜ ଚନ୍ଦ୍ର ମିଶ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଗିରିଶ ରାଓ ଏବଂ ବିଦ୍ୟୁତ ବିଭାଗର ଜୁନିୟର ଇଞ୍ଜିନିୟର ସ୍ୱୟଂପ୍ରଭା ରାଏ ଶନିବାର ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି କରୋନା ସଚେତନା ପାଇଁ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। କୌଣସି ରୋଗୀ କରୋନା ସଂକ୍ରମଣ ସନ୍ଦେହ ହେଲେ ତାଙ୍କୁ ଆଇସୋଲେଶନ ୱାର୍ଡରେ ରଖାଯାଇ ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଇଛି। ଏହାସହ ଗାଁରେ ଲୋକଙ୍କୁ ସଚେତନ କରିବା ପାଇଁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିବା ଚିକିତ୍ସାଧିକାରୀ ଡା. କ୍ଷମାନିଧି ସେଠୀ କହିଛନ୍ତି।



ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ନ କରି ଆଇସୋଲେଶନ ୱାର୍ଡ ଖୋଲିବାକୁ ବିରୋଧ

**କୋଣାର୍କ,୧୫।୩(ଡି.ଏନ.ଏ)**

କୋଣାର୍କର ଶିଶୁ ଓ ମାତୃମଙ୍ଗଳ ହସ୍ପିଟାଲ ପରିସରରେ କରୋନା ଆଇସୋଲେଶନ ୱାର୍ଡ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଏହାକୁ କୋଣାର୍କ ଅଞ୍ଚଳବାସୀ ବିରୋଧ କରିଛନ୍ତି। ସୂଚନାଯୋଗ୍ୟ, ଗତ ନବକଳେବର ସମୟରେ ଶିଶୁ ଓ ମାତୃ ମଙ୍ଗଳ ହସ୍ପିଟାଲ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଇତିମଧ୍ୟରେ କାର୍ଯ୍ୟ ଅଧା ହୋଇଥିବାବେଳେ ଏବେ କରୋନା ସନ୍ଦିଗ୍ଧ ଚିକିତ୍ସା ପାଇଁ ଆଇସୋଲେଶନ ୱାର୍ଡ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ତେବେ ଶିଶୁ ଓ ମାତୃମଙ୍ଗଳ ହସ୍ପିଟାଲ କାର୍ଯ୍ୟକୁ ସମ୍ପୂର୍ଣ୍ଣ ନ କରିବା, କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ନ କରି ହଠାତ କରୋନା ସନ୍ଦିଗ୍ଧ ପାଇଁ ୱାର୍ଡ ନିର୍ମାଣ କେତେ ଦୂର ଯଥାର୍ଥ ବୋଲି କୋଣାର୍କ ହସ୍ତଶିଳ୍ପ ବ୍ୟବସାୟୀ ସଂଘ ସଭାପତି ସୁବାସ ନାୟକ କହିଛନ୍ତି। ଏହି ନିଷ୍ପତ୍ତି ପ୍ରତ୍ୟାହାର କରା ନ ଗଲେ ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜୋରଦାର ବିରୋଧ କରାଯିବ ବୋଲି ଜିଲା ଉପସଭାପତି ପ୍ରଦୀପ୍ତ କୁମାର ଛାଟୋଇ କହିଛନ୍ତି। ଏ ନେଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଶିବପ୍ରସାଦ ମଙ୍ଗରାଜ କୁହନ୍ତି, ଯଦି ପୁରୀ ମୁଖ୍ୟ ଚିକିତ୍ସାଳୟରେ କରୋନା ସଂକ୍ରମିତ ରୋଗୀ ଅଧିକ ହୁଅନ୍ତି ତେବେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ଯୋଜନା ରହିଛି।

# ଠିକାଦାରଙ୍କୁ ବଟି ମାଗି ଜେଲ୍ ଗଲେ ମୁଖ୍ୟ ଅଭିଯୁକ୍ତ

**ଗୋପ,୧୫।୩(ଡି.ଏନ୍.ଏ)**

ଜଣେ ଠିକାଦାରଙ୍କୁ ଦାଦାବଟି ମାଗିବା ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ରାମଚଣ୍ଡୀ ଥାନା ଅଧୀନ ରଷିପଡ଼ା ଗ୍ରାମର ମହେଶ୍ୱର ଜେନାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, କିଛିଦିନ ତଳେ ଗୋପ ସୁବର୍ଣ୍ଣପୁର ଅଞ୍ଚଳର ଠିକାଦାର ଉମାକାନ୍ତ ସାହୁଙ୍କୁ ମହେଶ୍ୱର ବଟି ମାଗିଥିଲେ। ମାତ୍ର ଉମାକାନ୍ତ ମନା କରିଦେଇଥିଲେ। ଏଥିରେ ଅଭିଯୁକ୍ତମାନେ ଉତ୍‌କ୍ଷିପ୍ତ ହୋଇ ୬ ତାରିଖ ବିଳମ୍ବିତ ରାତିରେ ଉମାକାନ୍ତଙ୍କ ଘର ନିକଟରେ ଥିବା ଏକ ଜେସିବି ଓ ଟ୍ରାକ୍ଟରରେ ନିଆଁ ଲଗାଇ ଫେରାର ହୋଇଯାଇଥିଲେ। ଏ ନେଇ ଉମାକାନ୍ତ ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ କେସ୍ (ନଂ. ୫୬/୨୦) ରୁଜୁ କରି ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଥିଲା। ପରେ ସିସିଟିଭିରୁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ଶନିବାର ମୁଖ୍ୟ ଅଭିଯୁକ୍ତ ମହେଶ୍ୱର ତାଙ୍କ ବାଇକ୍ (ନଂ. ଓଡି ୧୩ଜେ-୭୪୪୨) ଯୋଗେ ଆସୁଥିବା ବେଳେ ପୋଲିସ୍ ଜାଉଁଳିପୋଖରୀ ନିକଟରେ ତାଙ୍କୁ ଗିରଫ କରିଥିଲା।

# ବଳଙ୍ଗା ପଞ୍ଚୁ ଦୋଳ ମେଳଣ ଆରମ୍ଭ



ମେଳଣ ପଡ଼ିଆରେ ସୁସଜ୍ଜିତ ବିମାନ।

**ବଳଙ୍ଗା, ୧୫।୩(ଡି.ଏନ୍.ଏ.)**

ବଳଙ୍ଗା ପଞ୍ଚୁ ଦୋଳ ମେଳଣ ଶନିବାର ମଧ୍ୟରାତ୍ରରୁ ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ଏଥିରେ ପ୍ରବଳ ଜନସମାଗମ ହୋଇଛି। ଏହି ମେଳଣରେ ଭାଇଚାରାର ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ୧୦୮ ଦୋଳ ବିମାନ ସହିତ ହରି ଓ ହରଙ୍କ ମହାମିଳନର ଦୃଶ୍ୟ ହେଉଛି ଏହି ମେଳଣର ମୁଖ୍ୟ ଆକର୍ଷଣ। ହରି ଓ ହରଙ୍କୁ ଏକାଠି ଦର୍ଶନ କଲେ କୋଟି କୋଟି ପୁଣ୍ୟ ଅର୍ଜନ ହୁଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ନିମାପଡ଼ା, ପିପିଲି, ସତ୍ୟବାଦୀ ଓ ଜୟଦେବ ବ୍ଲକରୁ ଦୋଳ ବିମାନ ଆସି ମେଳଣରେ ଏକାଠି ହୋଇଛନ୍ତି। ମୁଖ୍ୟ ଥାନପତି ଶ୍ରୀବକ୍ରେଶ୍ୱର ଦେବ ଦେବସଭାରେ ସଭାପତିତ୍ୱ କରିଥାନ୍ତି। ମୁଖ୍ୟ ଥାନପତି ବକ୍ରେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଗୋପାଳଜୀଉଙ୍କ ସହିତ ପଞ୍ଚମୁଣ୍ଡି ଦୋଳ ବିମାନ ଓ ପାଲିଙ୍କିରେ ମନ୍ଦିରରୁ ବାହାରି ଭାର୍ଗବୀ ନଦୀ ନିକଟରେ ବାଇଶି ଗୁଣ୍ଠ ମେଳଣ ପଡ଼ିଆକୁ ବିରାଟ ଶୋଭାଯାତ୍ରାରେ ଆସିଥିଲେ।

# ସୋସିଆଲ ମିଡିଆ ମାଧ୍ୟମରେ ବୈଠକ

## କରୋନା ସତର୍କତା

**ପୁରୀ ଅଫିସ, ୧୫।୩**

ଧୀରେ ଧୀରେ ଭାରତରେ ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଓଡ଼ିଶାରେ ବି ଏହି ପ୍ରାଣଘାତୀ ଭାଇରସ୍‌କୁ ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହେଲାଣି। ଯଦିଓ ଓଡ଼ିଶାରେ କୌଣସି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି ତଥାପି ସନ୍ଦିଗ୍ଧଙ୍କ ଖବର ଚିନ୍ତାର ବିଷୟ ପାଲଟିଛି। ଏଭଳି ପରିସ୍ଥିତିରେ କିପରି ଆମ ରାଜ୍ୟକୁ କରୋନା ସ୍ପର୍ଶ ନ କରିବ ସେଥିଲାଗି ସରକାର ବିଭିନ୍ନ ପ୍ରକାର ଆଡଭାଇଜରି ଜାରି କରିଛନ୍ତି। ଗୋଟିଏ ଜାଗାରେ ଏକତ୍ର ହେବାକୁ ବାରଣ କରାଯାଇଛି। ସତର୍କତା ଓ ସଚେତନାତାକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ମାନି ବିଭିନ୍ନ ଅନୁଷ୍ଠାନ ସେମାନଙ୍କ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରୁଛନ୍ତି। ଏପରି କି କେତେକ ଅନୁଷ୍ଠାନ ସେମାନଙ୍କ ସଭା, କର୍ମଶାଳାକୁ ବାତିଲ ମଧ କରୁଛନ୍ତି। ରବିବାର ପୁରୀରେ ଏକ ନିଆରା ଘଟଣା ଦେଖିବାକୁ ମିଳିଥିଲା। ବିଶ୍ୱମ୍ଭର ବିଦ୍ୟାପୀଠର ପୁରାତନ ଛାତ୍ରୀଛାତ୍ର ଗୋଟିଏ ଜାଗାରେ ଏକାଠି ନ ହୋଇ ସୋସିଆଲ ମିଡିଆ ମାଧ୍ୟମରେ ବୈଠକ କରିଥିଲେ। ହ୍ୱାଟ୍‌ସଆପ ଓ ଟେଲିଗ୍ରାମ୍ ଜରିଆରେ କିଏ ଘରେ ବସି ତ ଆଉ କେହି ଦୋକାନ ବଜାର ଅବା କର୍ମକ୍ଷେତ୍ରରେ ଥାଇ ବୈଠକରେ ସେମାନଙ୍କ ଭାଗୀଦାରି ରଖିଥିଲେ। ପ୍ରଥମେ ପୁରାତନ ଛାତ୍ର ଟି. ବାନାମ୍ବର ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ସାମାଜିକ ଗଣମାଧ୍ୟମରେ ଆଲୋଚନା ଆରମ୍ଭ କରିଥିଲେ। ଗତ ୧ ଓ ୮ ତାରିଖ ବୈଠକର ବିବରଣୀ ପ୍ରକାଶ କରାଯାଇଥିଲା। ପ୍ଲାଟିନମ ଜୁବିଲି କାର୍ଯ୍ୟକ୍ରମକୁ ସୁପରିଚାଳନା ଲାଗି କାର୍ଯ୍ୟକାରୀ କମିଟି ସର୍ବସମ୍ମତି କ୍ରମେ ସ୍ଥିର ହୋଇଥିଲା। ଟି. ବାନାମ୍ବର ପାତ୍ର ସଭାପତି, ଅଜିତ ରାୟ, ରବୀନ୍ଦ୍ରନାଥ ସେନାପତି, ବିଭୁପ୍ରସାଦ ତ୍ରିପାଠୀ ଉପସଭାପତି, ବ୍ରଜବନ୍ଧୁ ମହାରଣା କାର୍ଯ୍ୟକାରୀ ସଭାପତି, ପୁଳିନ ବିହାରୀ ଆଚାର୍ଯ୍ୟ ସାଧାରଣ ସମ୍ପାଦକ, ବୀରେନ୍ଦ୍ର ଶାସ୍ତ୍ରୀ କୋଷାଧ୍ୟକ୍ଷ, ମଧୁସୂଦନ ମିଶ୍ର ଲୋକ ସମ୍ପର୍କ ସମ୍ପାଦକ, ଶଚୀନନ୍ଦନ ଦାଶ କାର୍ଯ୍ୟାଳୟ ସମ୍ପାଦକ, ସଞ୍ଜୀବ କୁମାର ରଥଶର୍ମା ସାଂସ୍କୃତିକ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଅଭ୍ୟର୍ଥନା ସମିତି ଗଢାଯାଇଥିଲା। ଏଥିରେ ବଦ୍ରି ମିଶ୍ର, ଭକ୍ତଚରଣ ଦାସ, ଶୁଭାଶିଷ ଖୁଣ୍ଟିଆ, ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖଙ୍କୁ ସଭ୍ୟ ରଖାଯାଇଛି।

# ବଜାରରେ ମିଳୁନି ମାସ୍କ

**ବ୍ରହ୍ମଗିରି,୧୫।୩(ଡି.ଏନ.ଏ)**

କରୋନା ପାଇଁ ସରକାର ସତର୍କତା ଜାରି କରିବା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଜନଗହଳି ପୂର୍ଣ୍ଣ ସ୍ଥାନକୁ ଯିବାପାଇଁ ଲୋକେ ମାସ୍କ ବ୍ୟବହାର କରୁଥିବାର ଦେଖିବାକୁ ମିଳୁଛି। ବ୍ରହ୍ମଗିରି ଅଞ୍ଚଳରେ ମାସ୍କର ଚାହିଦା ବଢିବାରେ ଲାଗିଛି। ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ବଜାରରେ ମାସ୍କ ମିଳୁନି।

# ଯୁବତୀଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଲେ

## ପୁରୀରେ କଳା ପଲ୍‌ସର ଆତଙ୍କ

**ପୁରୀ ଅଫିସ,୧୫।୩**

ପୁରୀରେ କଳା ପଲ୍‌ସର ଆତଙ୍କ। ଶନିବାର ସନ୍ଧ୍ୟାରେ ଦୁଇଜଣ ଯୁବକ ଏକ କଳା ପଲ୍‌ସରରେ ଆସି ଜଣେ ଯୁବତୀଙ୍କଠାରୁ ମୋବାଇଲ ଫୋନ୍ ଛଡ଼ାଇ ନେଇଛନ୍ତି। ଏ ନେଇ ଯୁବତୀ ଜଣଙ୍କ ରବିବାର ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ ଅଭିଯୁକ୍ତଙ୍କ ସୁରାକ୍ ପାଇପାରି ନାହିଁ। ସୂଚନା ଅନୁଯାୟୀ, ପେଣ୍ଠକଟା ହରଚଣ୍ଡୀ ନଗରର ସୁଚିସ୍ମିତା ସାହୁ ମଙ୍ଗଳା ମନ୍ଦିର ନିକଟସ୍ଥ ଯୁରୋଟିକ ଡ୍ୟାନ୍‌ସ ଗ୍ରୁପ୍‌କୁ ନାଚ ଶିଖିବାକୁ ଯାଆନ୍ତି। ଶନିବାର ସନ୍ଧ୍ୟାରେ ସେ ନାଚ ଶିଖିବାକୁ ସାଇକେଲରେ ଯାଉଥିଲେ। ଆଇଟିଆଇ କଲେଜ ନିକଟରେ ଦୁଇଜଣ ଯୁବକ ଏକ କଳା ପଲ୍‌ସରରେ ତାଙ୍କ ପଛପଟୁ ଆସି ଧକ୍କା ମାରିବା ସହ ତାଙ୍କ ମୋବାଇଲ ଫୋନ ଛଡାଇ ନେଇ ଆଖି ପିଛୁଳାକେ ପଳାଇଥିଲେ। ସମ୍ପୃକ୍ତ ଦୁଇ ଯୁବକ ସେମାନଙ୍କ ମୁହଁରେ ମାସ୍କ ପିନ୍ଧିଥିଲେ।

# ଜଗତ ମଙ୍ଗଳ ପାଇଁ ହେବ ସ୍ୱତନ୍ତ୍ର ପୂଜା

**ପୁରୀ ଅଫିସ,୧୫।୩**

କରୋନାକୁ ନେଇ ଏବେ ସମସ୍ତେ ସଚେତନତାକୁ ଆପଣାଉଛନ୍ତି। ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ରବିବାର ଛତିଶା ନିଯୋଗ ବୈଠକ ପୂର୍ବରୁ ଦେଖିବାକୁ ମିଳିଥିଲା କରୋନା ସଚେତନତାର ଦୃଶ୍ୟ। ବୈଠକ ଗୃହକୁ ଯିବା ପୂର୍ବରୁ ସମସ୍ତ ଅଧିକାରୀ ଏବଂ ସଦସ୍ୟମାନେ ସେମାନଙ୍କ ହାତ ଧୋଇଥିଲେ। ବିଶ୍ୱବାସୀଙ୍କୁ କରୋନା ବିପତ୍ତିରୁ ଉଦ୍ଧାର କରିବା ଲାଗି ମହାପ୍ରଭୁଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଲାଗି ନିଷ୍ପତ୍ତି ହୋଇଛି। ପୂର୍ବରୁ ଏମିତି ବିପତ୍ତି ସମୟରେ ୧୯୧୦, ୧୯୬୦ ଏବଂ ୧୯୮୦ ମସିହାରେ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ବର୍ତ୍ତମାନ ଜଗତ ମଙ୍ଗଳ ପାଇଁ ମଧ ସ୍ୱତନ୍ତ୍ର ପୂଜା କରାଯିବା ଲାଗି ସମସ୍ତେ ସହମତି ପ୍ରକାଶ କରିଛନ୍ତି। ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସହ ବରିଷ୍ଠ ୭/୮ ସେବାୟତଙ୍କ ବୈଠକ ବସି ଏହା ଚୂଡ଼ାନ୍ତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଜମିଲା ହରିରାଜପୁର ପଞ୍ଚୁଦୋଳ ମେଳଣ

**ଡେଲାଙ୍ଗ,୧୫।୩(ଡି.ଏନ୍.ଏ)**

ଡେଲାଙ୍ଗ ବ୍ଲକର ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣ ଶନିବାର ବିଳମ୍ବିତ ରାତ୍ରରୁ ଜମାଣ ହୋଇଛି। ମନ୍ଦିରରେ ସମସ୍ତ ଦେବନୀତି ସମ୍ପନ୍ନ ପରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ ସୁସଜ୍ଜିତ ବିମାନରେ ଶ୍ରଦ୍ଧାଳୁଙ୍କ ଗହଣରେ ମେଳଣ ପଡ଼ିଆକୁ ବିଜେ କରିଥିଲେ। ଆଲୋକସଜ୍ଜା, ଚିତ୍ତାକର୍ଷକ ଆତସବାଜି ପ୍ରଦର୍ଶନ, ଭଜନ କୀର୍ତ୍ତନ, ଘଣ୍ଟଘଣ୍ଟି, ତୁରୀ, ଶଙ୍ଖନାଦ, ସଖୀନୃତ୍ୟ ପ୍ରଭୃତି ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। ସ୍ଥାନାଧିପତି ପ୍ରଭୁ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ, ଗୋପାଳଜୀଉ ଓ ବାଳମୁକୁନ୍ଦ ଦେବଙ୍କ ସହ ମିଶି ଏକ ସୁସଜ୍ଜିତ ବିମାନରେ ମନ୍ଦିରର ପଶ୍ଚିମ ଦ୍ୱାରରୁ ବାହାରି ଏକ ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଯାତ୍ରା କରିଥିଲେ। ସେହିପରି ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଦେବ ବିଗ୍ରହ ବୁଢାପଡ଼ାର ସୋମନାଥ ଦେବ, କୁସୁମାଟି ଛଣଘରର ଗତିଶ୍ୱରଦେବ, କିନ୍ତିଆ ଗ୍ରାମର ବାଲୁଙ୍କେଶ୍ୱରଦେବ ଏବଂ ଟାଙ୍ଗିଭିସର ଗ୍ରାମର ନୀଳକଣ୍ଠେଶ୍ୱର ଦେବ ଏହି ମେଳଣରେ ଯୋଗଦେଇଥିଲେ। ବିଭିନ୍ନ ଗ୍ରାମରୁ ପ୍ରାୟ ୮୦ଟି ବିମାନ ଆସିଥିଲା। ମେଳଣର ମୁଖ୍ୟ ଆର୍କଷଣ ହେଉଛନ୍ତି ଗୋପାଳଜୀଉ ଓ ବାଳମୁକୁନ୍ଦ ଦେବ, ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସୁସଜ୍ଜିତ ବିମାନ ସହିତ ସଲଟନ ଓ ଆତସବାଜି ପ୍ରଦର୍ଶନ। ମେଳଣ ପଡ଼ିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରଙ୍ଗିନ ଆଲେକମାଳା ଓ ଚିତ୍ତକର୍ଷକ ବାଣ ପ୍ରଦର୍ଶନରେ ମେଳଣ ପଡ଼ିଆ ଝଲସି ଉଠିଥିଲା। ପାରମ୍ପରିକ ଘୋଡ଼ା ନାଚ, ନାଗା ନୃତ୍ୟ, ବାଦ୍ୟ ବିଚିତ୍ରା, ତୁରୀ ଓ ଶଙ୍ଖ, ହରିବୋଲ ହୁଳହୁଳି ଧ୍ୱନିରେ ମେଳଣ ପଡ଼ିଆରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମେଳଣକୁ ଆସୁଥିବା ଲକ୍ଷାଧିକ ଲୋକଙ୍କ ସୁବିଧା ନିମନ୍ତେ ଅଗ୍ନିଶମ ସେବା, ପାନୀୟ ଜଳଯୋଗାଣ ବ୍ୟବସ୍ଥା, ସୂଚନା କେନ୍ଦ୍ର ଓ ଅସ୍ଥାୟୀ ସ୍ୱାସ୍ଥ୍ୟସେବା ସହିତ ଜରୁରୀକାଳୀନ ପାଇଁ ଆମ୍ବୁଲାନ୍ସ ସୁବିଧା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଯୁବକମାନଙ୍କୁ ନେଇ ଏକ କମିଟି ଗଠନ ହୋଇଥିଲା। ଡେଲାଙ୍ଗ ଥାନା ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିବା ଆଇଆଇସି ରଶ୍ମୀରଞ୍ଜନ ପଟ୍ଟନାୟକ କହିଛନ୍ତି। ମେଳଣ ପରିଚାଳନା ପରିଷଦ, ଉତ୍କଳ ଗୌରବ ଯୁବ ସଙ୍ଗଠନ, ପଶ୍ଚିମାଶମ୍ଭୁ ଯୁବ ସଙ୍ଗଠନ, ସୋମନାଥ ଦେବ ଯୁଥ କ୍ଲବ, ପଶ୍ଚିମାଶମ୍ଭୁ ପଞ୍ଚୁଦୋଳ କ୍ଲବ, ସୋମନାଥ ଦେବ ଦୋଳ ନିର୍ମାଣ ସମିତି ଏବଂ ହରିରାଜପୁର ଗ୍ରାମବାସୀ କାର୍ଯ୍ୟକ୍ରମ ହାତକୁ ନେଇଥିଲେ।



## ବାଣ ଛିଟିକି ୨୦ରୁ ଊର୍ଦ୍ଧ୍ୱ ଆହତ

**ପିପିଲି, ୧୫।୩(ଡି.ଏନ.ଏ):** ହରିରାଜପୁରର ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଜମାଣ ହେଉଥିବାବେଳେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ ବାଣରୁ ନିଆଁ ବାରୁଦଖଣ୍ଡ ଛିଟିକି ଜନଗହଳି ମଧ୍ୟରେ ପଡ଼ିବାରୁ ଜଣେ ଖବରଦାତାଙ୍କ ସମେତ ୨୦ଜଣରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ଗୁରୁତର ଆହତ ବ୍ୟକ୍ତି ଏବେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମେଳଣର ଜମାଣ ବେଳେ ପରମ୍ପରା ଅନୁଯାୟୀ ସମସ୍ତ ବ୍ୟବସ୍ଥା ମଧ୍ୟରେ ଆତସବାଜି ପ୍ରଦର୍ଶନ କରାଯାଉଥିଲା। ଏହି ସମୟରେ ପିପିଲି-ଡେଲାଙ୍ଗ ବ୍ଲକର ଯୁବ ଖବରଦାତା ଦୁର୍ଗାମାଧବ ପରିଡ଼ା ବାଣ ଫୁଟାଯାଉଥିବା ସ୍ଥାନରୁ ବହୁ ଦୂରରେ ରହି ଚିତ୍ର ଉତ୍ତୋଳନ କରୁଥିଲେ ମଧ ବାଣ ବାରୁଦ ସହ ନିଆଁ ଛିଟିକି ଆସି ତାଙ୍କ ମୁଣ୍ଡରେ ପଡ଼ିଥିଲା। ତାଙ୍କୁ ତୁରନ୍ତ ହରିରାଜପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ହରିରାଜପୁର ଫାଣ୍ଡି ଅଧିକାରୀ ଯୁଗୋଳ କିଶୋର ଜେନା ସେଠାରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସେହିପରି ଡେଲାଙ୍ଗ ବ୍ଲକ ବସନ୍ତପୁର ଗ୍ରାମର ବିପିନ କୁମାର ଛୋଟରାୟ (୪୦) ବାଣ ପ୍ରଦର୍ଶନ ଦେଖୁଥିବାବେଳେ ବାରୁଦ ଖଣ୍ଡ ଛିଟିକି ତାଙ୍କ ଦେହରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ହରିରାଜପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ହରିରାଜପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅମ୍ଳାନ ଜଗଦେବ କହିଛନ୍ତି।